ଆଜି - ସୋମବାର
ତାରିଖ - ୧୩ ଜୁଲାଇ ୨୦୨୬
ମାସ - ମିଥୁନ୍, ଦିନ - ୨୯
ତିଥି - ଚତୁର୍ଦ୍ଦଶୀ, ମୃଗଶିରା, ପକ୍ଷ- କୃଷ୍ଣ
ନକ୍ଷତ୍ର - ଆଦ୍ରା କ୍ଷୟ, ମିଥୁନ୍ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୯: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com


Vol.- 41 ISSUE- 90 R.N.I. REGD. No. 44026/86 ବାଲେଶ୍ୱର ୧୩ ଜୁଲାଇ ୨୦୨୬ ସୋମବାର BALASORE 13 JULY 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"ମାନବ ଦାନବ ହେବା ତା'ର ପରାଜୟ, ମାନବ ମହାମାନବ ହେବା ଚମତ୍କାରିତା ଏବଂ ମନୁଷ୍ୟ ମାନବ ହେବା ତା'ର ବିଜୟ ।"

\- ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

## ସୁସ୍ଥ ହେଲେ ମହାପ୍ରଭୁ

ପୁରୀ : ସୁସ୍ଥ ହୋଇଛନ୍ତି ମହାପ୍ରଭୁ । ଅଣସରର ତ୍ରୟୋଦଶୀ ତିଥିରେ ସ୍ୱତନ୍ତ୍ର ରାଜପ୍ରସାଦ ବିଜେ ନୀତି ସହ ଆଦ୍ୟ ସେବକ ଗଜପତି



ମହାରାଜାଙ୍କୁ ମହାପ୍ରଭୁଙ୍କ ସୁସ୍ଥତାର ସନ୍ଦେଶ ଦେଇଛନ୍ତି ସେବାୟତ । ଶ୍ରୀଅଙ୍ଗରେ ଲ । ଗି ପ୍ରସାଦକୁ ଗଜପତିଙ୍କୁ ଅର୍ପଣ କରାଯାଇଛି । ଏଥିସହ ଆସନ୍ତା ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ସେବାୟତଙ୍କ ସହ ଆଲୋଚନା କରିଛନ୍ତ ଗଜପତି । ଅଣସରର ଦ୍ୱାଦଶୀ ତିଥି କ୍ଷୟ ପଡ଼ିଥିବାରୁ ଆଜି ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ନୀତି ସରିବା ପରେ ଆରମ୍ଭ ହୋଇଥିଲା ରାଜପ୍ରସାଦ ବିଜେ ନୀତି । ବର୍ଷ ତମାମ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା ଚନ୍ଦନ, ପାଟଡ଼ୋର ସହ ଅଣସର ସମୟରେ ଲାଗି ହୋଇଥିବା ଚନ୍ଦନ, କରାଳକୁ ରୂପା ଥାଳିରେ ଧରି ଶ୍ରୀମନ୍ଦିରରୁ ବାହାରିଥିଲେ ଦଇତା ଓ ପତି ମହାପାତ୍ର ସେବାୟତ । ଘଂଟ, ଛତା, କାହାଳୀ ସହ ପଟୁଆରରେ ସେମାନେ ଶ୍ରୀନଅରରେ ପହଂଚିବା ପରେ ଆଦ୍ୟ ସେବକ ଗଜପତି ମହାରାଜାଙ୍କୁ ଶ୍ରୀଅଙ୍ଗ ଲାଗି ପ୍ରସାଦ ଅର୍ପଣ କରିଥିଲେ । ଏହାପରେ ଶ୍ରୀନଅରରେ ରାଜ ପୁରୋହିତଙ୍କ ଦ୍ୱାରା ଶାଢ଼ୀ ବନ୍ଧା ଯାଇଥିଲା । ପଂଚମୀ ତିଥିରେ ଫୁଲୁରି ତେଲ, ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷ ଲାଗି, ଦଶମୀରେ ଚକାବିଜେ, ଦଶମୂଳମୋଦକ ଓ ଚନ୍ଦନ ଲାଗି ପରେ ମହାପ୍ରଭୁ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହଙ୍କ ଅତ୍ୟଧିକ ଜଳରେ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ରହିଛନ୍ତି । ୧୫ ଦିନ ଧରି ମହାପ୍ରଭୁଙ୍କ ଏହି ଗୁପ୍ତ ସେବାର ପୂଜା ଚାଲିଥାଏ । ତେବେ ସୁସ୍ଥ ହେବା ପରେ ମହାପ୍ରଭୁଙ୍କୁ ଘଣାଲାଗି ଓ ବନକ ଲାଗି କରାଯିବ । ଆସନ୍ତା ୧୪ ତାରିଖରେ ମହାପ୍ରଭୁ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ତ୍ରୟୋଦଶୀ ତିଥିରେ ଶ୍ରୀନଅରରେ ରାଜପ୍ରସାଦ ବିଜେ ସ୍ୱତନ୍ତ୍ର ରୀତିନୀତି ଭାବେ ସଂପାଦିତ ହେବାପରେ ଗଜପତି ମହାରାଜା ସେବାୟତଙ୍କ ସହ ରଥଯାତ୍ରାକୁ ସୁରୁଖୁରୁରେ ସଂପାଦନ ନେଇ ଆଲୋଚନା ମଧ୍ୟ କରିଥିଲେ । ସେହିପରି ମହାପ୍ରଭୁଙ୍କ ସୁସ୍ଥତା ସହ ରଥ ନିର୍ମାଣରେ ସମସ୍ତ ସେବାୟତ ମାନେ ତିନି ରଥର କାର୍ଯ୍ୟ ଶେଷ କରିଛନ୍ତି ।

## ନୂଆଦିଲ୍ଲୀରେ ମନ୍ନମ ସ୍ମୃତି ମଣ୍ଡପମ୍ ଉଦ୍‌ଘାଟନ କଲେ ଉପ ରାଷ୍ଟ୍ରପତି





ନୂଆଦିଲ୍ଲୀ : ଭାରତର ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ରବିବାର ନୂଆଦିଲ୍ଲୀରେ ମନ୍ନମ ସ୍ମୃତି ମଣ୍ଡପମର ଉଦଘାଟନ କରିଛନ୍ତି । ଏହା ମଣ୍ଡପମ୍ ମନ୍ନମ୍ ଆନ୍ତର୍ଜାତୀୟ କେନ୍ଦ୍ରରେ ଏକ ସ୍ମାରକୀ ହଲ୍ । ନାୟାର ସର୍ଭିସ୍ ସୋସାଇଟିର ଦିଲ୍ଲୀ ଶାଖା ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସେ ସମାଜ ସଂସ୍କାରକ ତଥା ସ୍ୱାଧୀନତା ସଂଗ୍ରାମୀ ମଣ୍ଣାଥୁ ପଦ୍ମନାଭନଙ୍କ ଏକ ପ୍ରତିମୂର୍ତ୍ତିକୁ ମଧ୍ୟ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ନାଥୁ ପଦ୍ମନାଭନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସେ ୧୯୧୪ ରେ ନାୟାର ସର୍ଭିସ୍ ସୋସାଇଟି ପ୍ରତିଷ୍ଠା କରିଥିଲେ ଏବଂ କେରଳରେ ନାୟାର ସମ୍ପ୍ରଦାୟର ଉନ୍ନତି ପାଇଁ ସାମାଜିକ ନ୍ୟାୟ, ଶିକ୍ଷା, ସମାନତା ଏବଂ ଗୋଷ୍ଠୀ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ସୁରେଶ ଗୋପୀ ଏବଂ ଏନ୍. ଏସ୍. ଏସ୍. ଦିଲ୍ଲୀର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ସାମାଜିକ ନ୍ୟାୟ, ସମାନତା, ଶିକ୍ଷା ଏବଂ ଗୋଷ୍ଠୀ ସେବା ପ୍ରତି ମଣ୍ଣାଥୁ ପଦ୍ମନାଭନଙ୍କ ଆଜୀବନ ଉତ୍ସର୍ଗୀକୃତତାକୁ ରେଖାଙ୍କିତ କରିଥିଲେ ଏବଂ କହିଥିଲେ ଯେ ତାଙ୍କ ଆଦର୍ଶ ଏକ ସମାବେଶୀ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଦିଗରେ ରାଷ୍ଟ୍ରର ଯାତ୍ରାକୁ ପ୍ରେରଣା ଯୋଗାଇବ । ମନ୍ନମ୍ ସ୍ମୃତି ମଣ୍ଡପମ୍ ପ୍ରତିଷ୍ଠା ମାଧ୍ୟମରେ ତାଙ୍କ ପରମ୍ପରାର ସଂରକ୍ଷଣ ଏବଂ ଆଗକୁ ନେବାରେ ଦିଲ୍ଲୀର ନାୟାର ସର୍ଭିସ୍ ସୋସାଇଟିର ପ୍ରୟାସକୁ ସେ ପ୍ରଶଂସା କରିଥିଲେ । 'ଗୋଟିଏ ଗଛ, ଗୋଟିଏ ମା' ଙ୍କ ନାମ 'ଅଭିଯାନ ଅଧୀନରେ ସେ ସମାଜ ସଂସ୍କାରକ ମଣ୍ଣାଥୁ ପଦ୍ମନାଭନଙ୍କ ପ୍ରତିମୂର୍ତ୍ତିର ଅନାବରଣ ଏବଂ ମନ୍ନାମ ସ୍ମୃତି ମଣ୍ଡପମର ଉଦଘାଟନ ପାଇଁ ମନ୍ନାମ ଇଂଟରନ୍ୟାସନାଲ ସେଂଟରରେ ଏକ ଚାରା ରୋପଣ କରିଥିଲେ ।

## ଭିଏତନାମ ଡଙ୍ଗା ଦୁର୍ଘଟଣା

## ୧୫ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁରେ ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ହାନୋଇ/ନୂଆଦିଲ୍ଲୀ : ଭାରତୀୟ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ସ୍ପିଡବୋଟ ଶନିବାର ଦିନ ଭିଏତନାମର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ ଫୁ କ୍ୟୁକ୍ ଦ୍ୱୀପ ନିକଟରେ ଓଲଟି ୧୫ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ତାମିଲନାଡୁର ୧୦ ଜଣ, ଆନ୍ଧ୍ରପ୍ରଦେଶର ୩ ଜଣ ଏବଂ କେରଳର ୨ ଜଣ ପର୍ଯ୍ୟଟକ ଅଛନ୍ତି । ଅତି କମରେ ୨୩ ଜଣଙ୍କୁ ଉଦ୍ଧାର କରାଯାଇଛି ଏବଂ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁଯାୟୀ, ଡଙ୍ଗାରେ ୩୨ ଜଣ ଭାରତୀୟ ପର୍ଯ୍ୟଟକ ଏବଂ ନାବିକ ଥିଲେ । ସ୍ଥାନୀୟ ସମୟ ଅପରାହ୍ନ ପ୍ରାୟ ୧ଟା ସମୟରେ ଫୁ-କ୍ୱୋକ୍ ଦ୍ୱୀପ ନିକଟରେ ସମୁଦ୍ରରେ ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣା ପରେ ଭିଏତନାମର ବର୍ଡର ଗାର୍ଡ, ନୌସେନା, ତଟରକ୍ଷୀ ବାହିନୀ ଏବଂ ଅନ୍ୟାନ୍ୟ ଏଜେନ୍ସି ମିଳିତ ଭାବେ ବ୍ୟାପକ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ କରିଥିଲେ । ଏହି ଅପରେସନରେ ଦୁଇଟି ଉଦ୍ଧାରକାରୀ ଡଙ୍ଗା ଏବଂ ୩୫ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା । ଭିଏତନାମ ସରକାର ଏକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।ଦୁର୍ଘଟଣା ପରେ, ଭିଏତନାମ ସରକାର ଦୁର୍ଘଟଣାର କାରଣ ବିଷୟରେ ତୁରନ୍ତ ତଦନ୍ତ ଏବଂ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ



ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ଭାରତୀୟ ନାଗରିକ ଏବଂ ସେମାନଙ୍କ ପରିବାରକୁ ତୁରନ୍ତ ଦୂତାବାସ ସହାୟତା ପ୍ରଦାନ କରିବା ପାଇଁ ଭାରତୀୟ ଦୂତାବାସ ଏବଂ ସମ୍ପୃକ୍ତ ଏଜେନ୍ସିମାନଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ସରକାର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିଛନ୍ତି ।ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସରେ ଲେଖିଛନ୍ତି, 'ଭିଏତନାମର ଫୁ କ୍ୟୁକ୍ ନିକଟରେ ଭାରତୀୟ ନାଗରିକଙ୍କ ସହିତ ଏକ ଡଙ୍ଗା ଦୁର୍ଘଟଣାର ଦୁଃଖଦ ଖବରରେ ଅତ୍ୟନ୍ତ ଦୁଃଖିତ । ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ମୋର ଗଭୀର ସମବେଦନା । ଆହତମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ମୁଁ କାମନା କରୁଛି ' ସେ କହିଛନ୍ତି ଯେ ଭାରତୀୟ ଦୂତାବାସ ଏବଂ ବାଣିଜ୍ୟିକ ଦୂତାବାସ ପ୍ରଭାବିତ ଭାରତୀୟମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରୁଛନ୍ତି ଏବଂ ଭାରତୀୟ କର୍ତୃପକ୍ଷ ଭିଏତନାମ ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି । ରାହୁଲ ଗାନ୍ଧୀ ଏବଂ ପ୍ରତିରକ୍ଷା ସିଂହ ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ମୃତ୍ୟୁରେ ଶୋକ ବ୍ୟକ୍ତ କରିଛନ୍ତି ଏବଂ ପ୍ରଭାବିତ ପରିବାରକୁ ସମସ୍ତ ସମ୍ଭାବ୍ୟ ସହାୟତା ସୁନିଶ୍ଚିତ କରିବା ପାଇଁ ଭିଏତନାମ ସରକାରଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ନିବେଦନ କରିଛନ୍ତି । ଭିଏତନାମରେ ଥିବା ଭାରତୀୟ ଦୂତାବାସ ଦୁର୍ଘଟଣା ଦ୍ୱାରା ପ୍ରଭାବିତ ଭାରତୀୟ ନାଗରିକ ଏବଂ ସେମାନଙ୍କ ପରିବାରକୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ପ୍ରତିରକ୍ଷା ସିଂ କହିଛନ୍ତି ।

## ପଦ୍ମ ଧରିଲେ ପ୍ରଭାତ

## ଓଡ଼ିଶାରେ ବିଜେପିର ଜୟଯାତ୍ରାର ଆଉ ଗୋଟିଏ ପର୍ବ ଆଜି ଯୋଡ଼ି ହୋଇଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ଶ୍ରୀ ପ୍ରଭାତ ବିଶ୍ୱାଳ ନିଜ ସହସ୍ରାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି । ସେହିପରି ୬ ଜଣ କାଉନସିଲରଙ୍କ ସମେତ ଯୋଡା ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଶ୍ରୀ ଜଗଦୀଶ ପ୍ରସାଦ ସାହୁ ବିଜେଡି ଛାଡି ଅନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ସମସ୍ତ ନୂତନ ସଦସ୍ୟଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ତଥା ସାଂସଦ ଶ୍ରୀ ମନମୋହନ ସାମଲ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି । ଆଜିର



ମିଶ୍ରଣ ପର୍ବରେ କଟକ ମହାନଗର ନିଗମର କର୍ପୋରେଟର ପଦ୍ମିନୀ ସାହୁ, ମିନା ସାହୁ, ଚୌଦ୍ୱାର ପୌରପାଳିକା କାଉନ୍‌ସିଲର ସୁଜାତା ସାହୁ, ଟାଙ୍ଗୀ ଚୌଦ୍ୱାର ପଂଚାୟତ ସମିତି ଉପାଧକ୍ଷା ସୁପ୍ରିୟା ଜେଠୀ, ସରପଂଚ ଶୈଳବାଳା ନାୟକ, ଦିଲୀପ କୁମାର ଭୋଇ, ନମିତା ମଲ୍ଲିକ, ସମିତିସଭ୍ୟା ବନ୍ଦନା ସ୍ୱାଇଁ, ରୀତା ରାଉତ, କଟକ ପୂର୍ବତନ କର୍ପୋରେଟର ଧର୍ମାନନ୍ଦ ପାତ୍ର, କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ଏମ୍ ଡି ଫରିଦ, ମହେନ୍ଦ୍ର ନାୟକ, ନାଗୁଣୀ ଚରଣ ମହାନ୍ତି, ରମାକାନ୍ତ ଲେଙ୍କା, ଇଂ. ଆଶିଷ କୁମାର ସ୍ୱାଇଁ, ସୁଭେନ୍ଦୁ ସେନଗୁପ୍ତା, ଫିରୋଜ ମହାପାତ୍ର, ହିମାଂଶୁ ଶେଖର ଷଡ଼ଙ୍ଗୀ, ଦିପାଳିବାଳା ଭୁୟାଁ, ବିଜେଡି ଉପସଭାପତି ଉପସଭାପତି ସଂଜିବ୍ ଦାସଙ୍କ ସମେତ ବିଭିନ୍ନ ୱାର୍ଡର ପ୍ରମୁଖ ବିଜେଡି ନେତୃବୃନ୍ଦ ଓ କାର୍ଯ୍ୟକର୍ତା ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ସେହିପରି ବିଶ୍ୱଭାରତୀ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ.ବୈଷ୍ଣବ ଚରଣ ସାମଲ, ୧୮୨ ବରିଷ୍ଠ ନାଗରିକ ସଂଘର ସଭାପତି ଡ. ପ୍ରଫେସର କୃପାସିନ୍ଧୁ ପଣ୍ଡା, ଏଏନ୍ଏଚ୍ କଟକ ସର୍କଲର ଅବସରପ୍ରାପ୍ତ ସଭାପତି ଡ. ପ୍ରଫେସର ଅନଙ୍ଗ ଦ୍ୱିବେଦୀ, କଟକ ଜିଲ୍ଲା ବିଜେଡିର ପୂର୍ବତନ ଜିଲ୍ଲା ଉପସଭାପତି ଶରତ ଚନ୍ଦ୍ର ପ୍ରଧାନ, ଶ୍ରୀ ଲକ୍ଷ୍ମୀଧର ସାହୁ, ଏମ୍‌ଡି ଦିଲ୍‌ସାଦ୍, କଟକ ଗୁରୁଦ୍ୱାରା କମିଟିର ସଭାପତି ଗୁରୁଦେବ ସିଂହ, ସମ୍ପାଦକ ନଚ୍‌ତର ସିଂହ, ଉପଦେଷ୍ଟା ସୁକଦେବ ସିଂହ ପ୍ରମୁଖ ବିଜପେିରେ ଯୋଗଦାନ କରିଛନ୍ତି ।

## ଗାନ୍ଧୀନଗରରେ ଗଣ ବୃକ୍ଷରୋପଣ ଅଭିଯାନ ସହ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କଲେଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଗୁଜରାଟର ଗାନ୍ଧୀନଗର ଲୋକସଭା କ୍ଷେତ୍ରରେ ଏକ 'ଗଣ ବୃକ୍ଷରୋପଣ ଅଭିଯାନ'ର ଶୁଭାରମ୍ଭ କରିବା ସହ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ତଥା ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ସଭାକୁ ସମ୍ବୋଧିତ କରି ଶ୍ରୀ ଅମିତ ଶାହ କହିଛନ୍ତି ଯେ, କେବଳ ଗାନ୍ଧୀନଗର ଲୋକସଭା ନିର୍ବାଚନ ମଣ୍ଡଳୀରେ ହିଁ ନାଗରିକମାନଙ୍କ ଦ୍ୱାରା ଆଜି ଗୋଟିଏ କୋଟିରୁ ଅଧିକ ଗଛ ଲଗାଯାଇଛି । ଏହା ସହିତ ସମଗ୍ର ଅହମଦାବାଦ ସହରରେ ୫୦ ଲକ୍ଷ ବୃକ୍ଷ ରୋପଣ କରାଯାଇଛି । ସେ କହିଛନ୍ତି ଯେ ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଏକ ସବୁଜ ପରିବେଶ ସୃଷ୍ଟି କରିବା, ସ୍ୱଚ୍ଛ ବାୟୁ ଏବଂ ବିଶୁଦ୍ଧ ଜଳ ନିଶ୍ଚିତ କରିବା, ଏବଂ ଏକ ଉଚ୍ଚ-ଗୁଣବତା ସମ୍ପନ୍ନ, ବାସୋପଯୋଗୀ ପୃଥିବୀ ଓ ଧରିତ୍ରୀକୁ ସୁରକ୍ଷିତ ରଖିବା । ଶ୍ରୀ ଶାହ ପ୍ରକାଶ କରିଛନ୍ତି ଯେ ୧.୨୫ କୋଟି ଗଛ ଲଗାଇବାର ଏହି



ଅଭିଯାନ କେବଳ ଏକ ସ୍ଲୋଗାନରେ ସୀମିତ ନ ରହି ଏକ ଗଣଆନ୍ଦୋଳନରେ ପରିଣତ ହୋଇଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ପେଡ୍ ମା କେ ନାମ୍' ଆହ୍ୱାନ ଖୁବ୍ ଶୀଘ୍ର ଏକ ଜନ ଆନ୍ଦୋଳନର ରୂପ ନେଇଛି ଏବଂ ସମଗ୍ର ଦେଶ ତାଙ୍କର 'ଲୋକ, ପୃଥିବୀ ଓ ପ୍ରଗତି' ମନ୍ତ୍ରକୁ ଆପଣେଇ ନେଇଛି । ଶ୍ରୀ ଅମିତ ଶାହ କହିଥିଲେ ଯେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସି. ଏ. ପି. ଏଫ୍.) ବିଗତ ସାତ ବର୍ଷ ମଧ୍ୟରେ ସାରା ଦେଶରେ ସାତ କୋଟିରୁ ଅଧିକ ବୃକ୍ଷ ରୋପଣ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଦୁଇ ଦିନ ପୂର୍ବରୁ ଦିଲ୍ଲୀରେ ଏକ ବଡ଼ ଧରଣର ବୃକ୍ଷରୋପଣ ଅଭିଯାନ ମଧ୍ୟ କରାଯାଇଥିଲା । ସେ କହିଥିଲେ ଯେ ରୋପଣ କରାଯାଇଥିବା ବୃକ୍ଷଗୁଡ଼ିକ ଭାରତର ପ୍ରାକୃତିକ ପରିବେଶ ଅନୁକୂଳ ଏବଂ ଏଥିରେ ୧୦୦ ବର୍ଷରୁ ଅଧିକ ଜୀବନକାଳ ବିଶିଷ୍ଟ ପ୍ରଜାତି ସାମିଲ ରହିଛି । ଶ୍ରୀ ଶାହ କହିଥିଲେ ଯେ ବୃକ୍ଷରୋପଣ ଅଭିଯାନର ଉଦ୍ଦେଶ୍ୟ ହେଉଛି ଅହମ୍ମଦାବାଦକୁ ସ୍ୱାଭାବିକ ଭାବେ ଏକ ସବୁଜ ସହରରେ ପରିଣତ କରିବା । ସେ ସୂଚନା ଦେଇଥିଲେ ଯେ ଗାନ୍ଧୀନଗର ଅଂଚଳରେ ପୂର୍ବରୁ ୧୨ଟି ଅକ୍ସିଜେନ ପାର୍କ ରହିଥିବା ବେଳେ ଆଜି ୬୧ଟି ନୂତନ ଅକ୍ସିଜେନ ପାର୍କର ଉଦଘାଟନ କରାଯାଇଛି ।

## ଅଳ୍ପରେ ଖବର

- 'ଫାଦର୍ ଅମିର' ଭାବରେ ଜଣାଶୁଣା କତାରର ପୂର୍ବତନ ଅମିର ଶେଖ ହମାଦ ବିନ ଖଲିଫା ଅଲ ଥାନିଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ସ୍ୱର୍ଗତ ଦାଶରଥି ପଟ୍ଟନାୟକଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
- ଦାଶରଥି ପଟ୍ଟନାୟକଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି ।

## ହୀରାକୁଦ ଜଳଭଣ୍ଡାରରୁ ୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର : ହୀରାକୁଦ ଜଳଭଣ୍ଡାରରୁ ଆଜି ଦିନ ୧୨ଟା ସୁଦ୍ଧା ୩ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଚାଲିଥିବା ବେଳେ



ସ୍ଥିତିକୁ ଦେଖି ୧୨ଟା ୧୮ ମିନିଟ୍ ସମୟରେ ବାମ ପାର୍ଶ୍ୱ ଡାଇକ୍ ର ଗୋଟିଏ ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଛି । ଫଳରେ ଏବେ ମୋଟ୍ ୨ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ଗୋଟିଏ ଏବଂ ଡାହାଣ ପାର୍ଶ୍ୱ ଡାଇକ୍ ର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲା ଅଛି । ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ପତନ ୬୧୧.୦୦ ଫୁଟ୍ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩୪ ହଜାର ୬୬୫ କ୍ୟୁସେକ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୨ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ, ପାୱାର ଚେନେଲ, ଶିଳ୍ପ ବ୍ୟବହାର ଓ ବିଭିନ୍ନ କେନାଲ ଦେଇ ମୋଟ୍ ୫୮ ହଜାର ୭୪୦ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି । ସେହିପରି ଗତ ୨୪ ଘଂଟା ମଧ୍ୟରେ ହୀରାକୁଦ ଜଳଭଣ୍ଡାର ଉପର ମୁଣ୍ଡରେ ହାରାହାରି ୦.୪୨ ମି.ମି. ଏବଂ ତଳ ମୁଣ୍ଡରେ ହାରାହାରି ୦.୧୩ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ହୀରାକୁଦ ଜଳଭଣ୍ଡାରରୁ ଗତ ଗୁରୁବାର ଠାରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି ।

## ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିକାଶ କାର୍ଯ୍ୟର ସମୀକ୍ଷା ପାଇଁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ

## ଦୁଇ ବର୍ଷର ରିପୋର୍ଟ କାର୍ଡ଼ ପ୍ରଦାନକଲେ ବିଧାୟକ ମାନସ କୁମାର ଦତ

ବାଲେଶ୍ୱର (ନି.ପ) : ଗତ ଦୁଇ ବର୍ଷ ମଧ୍ୟରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ଭିତିଭୂମିର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ଯୁବ ଓ ନାରୀ ସଶକ୍ତିକରଣ ସହ ବହୁ ଜନକଲ୍ୟାଣକାରୀ ପ୍ରକଳ୍ପ ମାଧ୍ୟମରେ ଏକ ନୂଆ ବାଲେଶ୍ୱର ଗଢ଼ିବା ନେଇ ଚାଲିଥିବା ଉଦ୍ୟମ ସମ୍ପର୍କରେ ଆୟୋଜିତ ଏକ ବୁଦ୍ଧିଜୀବି ସମ୍ମିଳନୀରେ ବିଧାୟକ ମାନସ କୁମାର ଦତ ସୂଚନା ଦେଇଛନ୍ତି । ରାଜ୍ୟରେ ବିଜେପି ସରକାରଙ୍କୁ ଦୁଇବର୍ଷ ପୁରିଥିବା ବେଳେ ସଦର ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ହିସାବ ଦେବା ଓ ଜନସାଧାରଣଙ୍କ ନିକଟରୁ ମତାମତ ଲୋଡ଼ିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ଦୁଇବର୍ଷରେ





୨ହଜାର କୋଟି ଟଙ୍କାର ଅନୁଦାନ ଅର୍ଥ ଉପଯୋଗ ହେବା ଏକ ବିରଳ ଘଟଣା ବୋଲି ବିଧାୟକ କହିଛନ୍ତି । ଏହା ମଧ୍ୟରେ ଗ୍ରାମାଂଚଳକୁ ସହର ସହିତ ଯୋଡ଼ିବା ଲକ୍ଷ୍ୟରେ ଗମନାଗମନ ବ୍ୟବସ୍ଥାର ଉନ୍ନତି ପାଇଁ ଏକାଧିକ ପ୍ରକଳ୍ପ ମାଧ୍ୟମରେ ୨୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ମଧ୍ୟ ଏକ ରେକର୍ଡ଼ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସେହିପରି ସଦର ନିର୍ବାଚନ ମଣ୍ଡଳୀରେ ହେବାକୁ ଯାଉଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ବନ୍ୟା ପ୍ରପିଡ଼ିତ ଗୁଜୁରୀବଜାର ଅଂଚଳରେ ୧୨କୋଟି ଟଙ୍କର ରାସ୍ତା, ୪୩ କୋଟି ଟଙ୍କାର ସୋଲପଟାରୁ ▶▶ପୃଷ୍ଠା-୬ ରେ




# ସିପିଆଇର ବାଲେଶ୍ୱର ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ

ବାଲେଶ୍ୱର (ନି.ପ୍ର) : ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ବାଲେଶ୍ୱର ଜିଲ୍ଲା ପରିଷଦ ବୈଠକ ଓଡ଼ିଶା ଉଠା ଜଳସେଚନ କର୍ମଚାରୀ ସଂଘ ସମ୍ମିଳନୀ କକ୍ଷରେ ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ ବିବରଣୀ ଉପସ୍ଥାପନ କରି ଜିଲ୍ଲାରେ ସରକାରୀ ଦୁର୍ନୀତି, ଭ୍ରଷ୍ଟାଚାର, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, କଳକାରଖାନା ବନ୍ଦ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର ଜୀବନ ରକ୍ଷାକାରୀ ଔଷଧ, ପେଟ୍ରୋଲିୟମ୍ ସମେତ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି, ଉତ୍କଟ ବେରୋଜଗାରୀ, ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ଶ୍ରମ କୋଡ୍ ନାମରେ ଶ୍ରମିକ ଶୋଷଣ, ଏମ୍‌ଏସପି ର ଆଇନଗତ ଗ୍ୟାରେଂଟି ନଦେଇ କୃଷକଙ୍କ କୃଷି ଉତ୍ପାଦନକୁ ଲାଭଖୋର ବେପାରୀମାନେ ଅଭାବି ଦାମ ଦେଇ ଲୁଣ୍ଠନ କରୁଛନ୍ତି, ଦେଶର ସମସ୍ତ ସମ୍ବଳ ଓ ଲାଭଜନକ ଉଦ୍ୟୋଗ ମୁଷ୍ଟିମେୟ ରାହୁ ପୁଞ୍ଜିପତିଙ୍କୁ ସମର୍ପଣ କରି ଦେଶକୁ ଅର୍ଥନୈତିକ ଦେବାଳିଆ ଅବସ୍ଥାକୁ ଠେଲି ଦେଇଛନ୍ତି । ଜନଗଣଙ୍କ ପ୍ରତିବାଦକୁ ବିଭାଜିତ କରିବା ପାଇଁ ବିଜେପି ସରକାର ସାମ୍ପ୍ରଦାୟିକ, ଜାତିଆଣ ବିଦ୍ୱେଷ, ଘୃଣା, ଆତଙ୍କ, ହିଂସା, ଭିଡ଼ ହତ୍ୟାର ଆତଙ୍କ ଖେଳାଉଛନ୍ତି । ଗତ ସାଧାରଣ ନିର୍ବାଚନରେ ଭୋଟଦାନର ସଂଖ୍ୟା ଠାରୁ ଭୋଟ ଗଣତିରେ ଭୋଟ ସଂଖ୍ୟା ଅଧିକ ହେବା - ଇଭିଏମ୍‌ର ଅପବ୍ୟବହାର ମାଧ୍ୟମରେ କରାଯାଇଥିବା, ସମଗ୍ର ଦେଶରେ ଆଦିବାସୀ, ଦଳିତ ଓ କୃଷକଙ୍କୁ ତାଙ୍କ ଭିଟାମାଟିରୁ ବିସ୍ଥାପନ କରି ରାହୁ ପୁଞ୍ଜିପତି ମାନଙ୍କର ନୂଆ ନୂଆ ଉପନିବେଶ ସୃଷ୍ଟି କରାଯାଉଛି । 'ବହୁତ ହୋଇଗଲା ତାଙ୍କ ଅତ୍ୟାଚାର- ଆଉ ନୁହେଁ - ଶାସନ ପରିବର୍ତ୍ତନ ଜରୁରୀ' । ଏହି ପରିବର୍ତ୍ତନ ପାଇଁ ସିପିଆଇ ପକ୍ଷରୁ ଅଗଷ୍ଟ ୬ ରୁ ୧୫ତାରିଖ ପର୍ଯ୍ୟନ୍ତ ପ୍ରତି ଗାଁ, ସାହି ଓ ପଡ଼ାରେ ଜନସମ୍ପର୍କ ପଦଯାତ୍ରା, '୧ ସେପ୍ଟେମ୍ବର ଦିଲ୍ଲୀ ଚାଲ - ପରିବର୍ତ୍ତନ ଜରୁରୀ ମହାସମାବେଶ' ରାମଲିଳା ମଇଦାନ ରେ ଅନୁଷ୍ଠିତ ହେଉଥିବାରୁ ଏହାର ସଫଳତା ପାଇଁ ଡଃ ମିଶ୍ର ଆହ୍ୱାନ ଦେଇଥିଲେ । ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ ଏହି ସମସ୍ତ କାର୍ଯ୍ୟ ସୁପରିଚାଳନା ପାଇଁ ଜୋନ ସ୍ତରରେ ସାଧାରଣ ସଭା, ଜୁଲାଇ ମାସ ମଧ୍ୟରେ ଶେଷ କରି ଜନସମ୍ପର୍କ ପଦଯାତ୍ରା ସଫଳ କରିବା ସହବାଲେଶ୍ୱର ଜିଲ୍ଲାରୁ ପୁରୁଷ ଓ ମହିଳା ମିଶି ଅନ୍ୟୁନ ଏକ ହଜାର ଲୋକ ଦିଲ୍ଲୀ ଚାଲ ପରିବର୍ତ୍ତନ ଜରୁରୀ ଅଭିଯାନରେ ପାର୍ଟିର ପ୍ରତ୍ୟେକ ସଦସ୍ୟ ଓ ସମର୍ଥକ ଅଂଶଗ୍ରହଣ କରିବେ ବୋଲି ସେ ସୂଚନା ଦେଇଥିଲେ । ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ, ଜିଲ୍ଲା କମିଟିର ଶ୍ୟାମସୁନ୍ଦର ଜେନା, ମାୟାଧର ନାୟକ, ଆଶୁତୋଷ ପରିଡ଼ା, ମାନସ ମହାପାତ୍ର, ଶଶୀକାନ୍ତ ପଣ୍ଡା, ଯତିନ ପାତ୍ର, ଆରତୀ ଦାଶମହାପାତ୍ର, ବନ୍ଦନା ପାତ୍ର, ଭରତ ଚନ୍ଦ୍ର ସେଠୀ, ନିରଞ୍ଜନ ପରିଡ଼ା, ଜଗନ୍ନାଥ ବେହେରା, ଜଗନ୍ନାଥ ବିଶ୍ୱାଳ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ । ଶେଷରେ ମନ୍ମଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।




# ନବଯୌବନ ଦର୍ଶନ ୧୪ରେ



ବାଲେଶ୍ୱର,(ନି.ପ୍ର.) ଓଡ଼ିଆ ଜାତିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଦୀର୍ଘ ୧୫ଦିନ କାଳ ଅଣସର ଘରେ ବାସ କରିବା ପରେ ସୁସ୍ଥ ହୋଇ ୧୪ ତାରିଖ ଶ୍ରଦ୍ଧାଳୁମାନଙ୍କୁ ନବଯୌବନ ବେଶରେ ଦର୍ଶନ ଦେବେ । ସେଇଥିପାଇଁ ପ୍ରତ୍ୟୁଷରୁ ବିଳମ୍ବ ରାତ୍ରିଯାଏଁ ପ୍ରତ୍ୟେକ ଜଗନ୍ନାଥ ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଶ୍ରୀ ଜୀଉମାନେ ଆଜି ସବୁ ପ୍ରକାର ଫଳମୂଳ ଠାରୁ ଆରମ୍ଭ କରି ଆରିସା, କାକରା, ପୋଡ଼ପିଠା, ଗଜା, ଖଜା, ମାଲପୁା ସବୁକିଛି ଶ୍ରୀ ଜୀଉମାନଙ୍କ ଠାରେ ଭୋଗ ଲଗାଯାଇ ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଇଥିଲା । ଶ୍ରୀ ଜୀଉମାନେ ଆସନ୍ତାକାଲି ଅର୍ଥାତ୍ ୧୩ ତାରିଖ ମନ୍ଦିରର ସମସ୍ତ ନୀତିକାନ୍ତି କାର୍ଯ୍ୟ ଶେଷ କରିବା ସହ ପହଣ୍ଡି ବିଜେରେ ସାମିଲ ହେବେ, ରଥାରୂଢ଼ ହେବେ ଏବଂ ଶ୍ରଦ୍ଧାଳୁମାନେ ଶ୍ରୀ ଜୀଉମାନଙ୍କର ରଥକୁ ଟାଣିନେଇ ଗୁଣ୍ଡିଚା ମନ୍ଦିରରେ ପହଁଚାଇବେ । ପ୍ରକାଶଯେ, ଆସନ୍ତା ୧୬ତାରିଖ ଘୋଷଯାତ୍ରା ହେଉଥିବା ବେଳେ ୨୦ ତାରିଖ ହେରାପଂଚମୀ ଏବଂ ୨୪/୭/୨୬ ତାରିଖରେ ବାହୁଡ଼ାଯାତ୍ରା, ୨୫.୭.୨୬ ତାରିଖରେ ସୁନାବେଶ, ୨୭.୭.୨୬ତାରିଖରେ ଅଧରପଣା ଏବଂ ୨୮.୭.୨୬ ରେ ନୀଳାଦ୍ରି ବିଜେ ଶ୍ରୀ ଜୀଉମାନଙ୍କର ହେବ । ଏଥିପାଇଁ ଆସନ୍ତା ଦୀର୍ଘ ୯.୧୦ଦିନ ଧରି ଶ୍ରୀ ଜୀଉମାନେ ମାଉସୀମାମନ୍ଦିର ଓ ରଥାରୂଢ଼ ହୋଇ ଭକ୍ତର ଭଗବାନ ଶ୍ରଦ୍ଧାଳୁମାନଙ୍କ ସହ ବଡ଼ଦାଣ୍ଡରେ ସାମିଲ ହେବେ । ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ଗୁଡ଼, ଶାସଙ୍ଗ, ଜଳେଶ୍ୱର, ଭୋଗରାଇ, ରେମୁଣା, ବିଶ୍ୱ ପ୍ରସିଦ୍ଧ ଦ୍ୱିତୀୟ ରଥଯାତ୍ରା ନୀଳଗିରିରେ ରଥଯାତ୍ରା ହେବ । ୧୭ ତାରିଖ ନୀଳଗିରିରେ ପହଣ୍ଡିବିଜେ, ହେଲେ ଆସନ୍ତା ୧୮ ତାରିଖରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ଜଣାପଡ଼ିଛି । ବାଲେଶ୍ୱରର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଏସପି ପ୍ରତ୍ୟୁଷ ଦିୱାକର, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ସମେତ ଏସଡିପିଓ, ଥାନାଧିକାରୀଙ୍କ ସମେତ ୧୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡ଼ିଛି । ସେହିପରି ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ଜୟ ନାରାୟଣ ମହାନ୍ତି ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା କାର୍ଯ୍ୟକ୍ରମ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ସେହିପରି ବାଲିଘାଟ ରଥଯାତ୍ରା ୯ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଆସନ୍ତା ୧୬ ତାରିଖ ଶନିବାର ରଥଟଣା ଯାଇ ବଇଁଚାସ୍ଥିତ ମାଉସୀମା ମନ୍ଦିରକୁ ଯାତ୍ରା କରିବେ । ସେହିପରି ଆସନ୍ତା ୧୭ ତାରିଖ ଶନିବାର ଶ୍ରୀ ଜୀଉମାନେ ପୁନଃ ବାଲିଘାଟ ମନ୍ଦିରକୁ ବାହୁଡ଼ିବେ । ଏଥିପାଇଁ ସୁରକ୍ଷା କମିଟି ପକ୍ଷରୁ ହରେନ ଚନ୍ଦ୍ର ରଣା, ମୀନା ମହାନ୍ତି, ଗଗନ ରାଉତ, ଅର୍ଚ୍ଚନା ନନ୍ଦୀ, ସୁବୋଧ ମହାନ୍ତିଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଓ କମିଟି କର୍ମକର୍ତ୍ତାଙ୍କ ଠାରୁ ଜଣାପଡ଼ିଛି ।

# ଲୋକାର୍ପିତ ହେଲା ଗାଳ୍ପିକ ଗଙ୍ଗାଧର ବିଶ୍ୱାଳଙ୍କ ଉପନ୍ୟାସ 'ଖୋଳପା'

ବାଲେଶ୍ୱର (ନି.ପ୍ର.) : ଲେଖକର ଲେଖାରେ ପାଠକ ନିଜକୁ ଖୋଜି ପାଇବା ହେଉଛି ଭଲ ଲେଖାର ଆଉ ଏକ ଆଲୋକିତ ବୈଶିଷ୍ଟ୍ୟ ଏବଂ ଏହାର ବିସ୍ତାରିତ ଦିଗଟି ହେଉଛି ସେଇ ଲେଖାର ବିଭବ । ଏ ଧରଣର ଲେଖା ଲେଖକର ପ୍ରତିବିମ୍ବିତ ବ୍ୟକ୍ତିତ୍ୱର ଆଉ ଗୋଟିଏ ଦିଗକୁ ଉନ୍ମୋଚନ କରିଥାଏ ବୋଲି ଗାଳ୍ପିକ ଗଙ୍ଗାଧର ବିଶ୍ୱାଳଙ୍କ ଉପନ୍ୟାସ 'ଖୋଳପା'କୁ ଉନ୍ମୋଚନ କରି ଅତିଥିମାନେ ମତବ୍ୟକ୍ତ କରିଥିଲେ । 'ପ୍ରଜାପତି' ଅନୁଷ୍ଠାନ ପକ୍ଷରୁ ଶ୍ରୀକକ୍ଷରେ ସମ୍ପ୍ରତି ଗଙ୍ଗାଧର ବିଶ୍ୱାଳଙ୍କ ଉପନ୍ୟାସ 'ଖୋଳପା' ଉନ୍ମୋଚନ ଆସର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ବାଦ ଉତର ଓଡ଼ିଶା ସଂସ୍କରଣର ମୁଖ୍ୟ ଚିତରଞ୍ଜନ ଚିରଞ୍ଜିତ ଉପନ୍ୟାସକୁ ଉନ୍ମୋଚନ କରିବା ସହ ନିଜ ବକ୍ତବ୍ୟରେ କହିଥିଲେ ଯେ, ଉପନ୍ୟାସର କଳେବର ବା ପୃଷ୍ଠା ସଂଖ୍ୟା ଅପେକ୍ଷା ଏହାର ଅନ୍ତଃସ୍ୱର ଗୁରୁତ୍ୱପୂର୍ଣ୍ଣ । ଉପନ୍ୟାସ 'ଖୋଳପା' ଏହାର ଏକ ଜ୍ୱଳନ୍ତ ଉଦାହରଣ ବୋଲି କହିବା ସହ ପ୍ରତିଟି ଅନାବରଣ ପରେ ପ୍ରକୃତ ସ୍ୱରୂପ ଉନ୍ମୋଚିତ ହୋଇଥାଏ ବୋଲି କହିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏବଂ ନିବାରଣ ଜେନା ଯୋଗଦେଇ ଔପନ୍ୟାସିକ ଶ୍ରୀ ବିଶ୍ୱାଳଙ୍କ ସାହିତ୍ୟ ସାଧନା ଓ କଥାକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । କବି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ଔପନ୍ୟାସିକ ଶ୍ରୀ ବିଶ୍ୱାଳ ନିଜ ଲେଖକୀୟ ଉପଲବ୍ଧି ବିଷୟକ ସ୍ମୃତି ଚାରଣ କରିଥିବା ବେଳେ କବି ତଥା ଆଇନଜୀବୀ ଉତ୍ପଳ ମହାନ୍ତି ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । କବି ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉନ୍ମୋଚନ ଉତ୍ସବରେ କବି ଶ୍ରୀଦେବ, ଗାଳ୍ପିକ ଅଞ୍ଜନ ଚାନ୍ଦ, ସଂଜୟ ପଣ୍ଡା, ଦେବଯାନୀ ଦାସ, ସ୍ମୃତି ଦାସ, ଶୁଭେନ୍ଦୁ ଦାସ, ଅଧ୍ୟାପକ ସୁନୀଲ ନାୟକ, କବି ଜ୍ୟୋସ୍ନା ବିଶ୍ୱାଳ, ଗୀତିକା ଜ୍ୟୋତିପର୍ଣ୍ଣା ବିଶ୍ୱାଳ, ପ୍ରେୟସୀ ମହାପାତ୍ର, ବିପ୍ଳବ ଦାସ ମହାପାତ୍ର, 'ପ୍ରମେୟ'ର ସାମ୍ବାଦିକ ଆଲୋକ ବାରିକ, ମନୋଜ ବିଶ୍ୱାଳ, ପାଠିକା ପ୍ରୀତିକ୍ରିଷ୍ଟା ଦାସ ଉପସ୍ଥିତ ରହି ନିଜ ନିଜ ଉପନ୍ୟାସ ବିଷୟରେ ସୁଚିନ୍ତିତ ମନ୍ତବ୍ୟ ରଖିଥିଲେ ।



# ସର୍ପାଘାତ ମୁକାବିଲା ବାବଦରେ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ: ତ୍ୱରିତ ଚିକିତ୍ସା ଓ ପରିଚାଳନା ଉପରେ ସରିଲା କର୍ମଶାଳା

ବାଲେଶ୍ୱର,(ନି.ପ୍ର,): ବର୍ଷା ଦିନରେ ବଢୁଥିବା ସାପ କାମୁଡ଼ା ଘଟଣାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକର୍ମୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବାଲିଆପାଳ ସ୍ଥିତ ଶୁଭମ ହୋଟେଲରେ ଦୁଇଦିନିଆ 'ସର୍ପାଘାତର ତ୍ୱରିତ ଚିକିତ୍ସା ଓ ପରିଚାଳନା' ଉପରେ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଆଇସିଏମଆର-ଏନଆଇଏଚଆର, ଭୁବନେଶ୍ୱର ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରଶିକ୍ଷଣରେ ମେଡିକାଲ ଅଫିସର ଓ ଷ୍ଟାଫ୍ ନର୍ସମାନେ ଅଂଶଗ୍ରହଣ କରିଥିଲେ ।କର୍ମଶାଳାରେ ସାପ କାମୁଡ଼ା ରୋଗୀଙ୍କ ଜରୁରୀକାଳୀନ ଚିକିତ୍ସା, ଏଏସଭିର ସଠିକ୍ ବ୍ୟବହାର, ରେଫରାଲ୍ ବ୍ୟବସ୍ଥା ଓ ଉନ୍ନତ ରିପୋର୍ଟିଂ ପ୍ରଣାଳୀ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସାପ କାମୁଡ଼ିଲେ ତୁରନ୍ତ ସୂଚନା ଦେବା ପାଇଁ ଆଇସିଏମଆର ପ୍ରସ୍ତୁତ କରୁଥିବା ନୂଆ ଆପ୍ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ସାପ କାମୁଡ଼ା ଚିକିତ୍ସା ବିଶେଷଜ୍ଞ ଡା. ରଞ୍ଜନ କୁମାର ରାଜ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ଅମୂଲ୍ୟ କୁମାର ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର କର, ଜିଲ୍ଲା କୁଷ୍ଠ ଅଧିକାରୀ ଡା. ସଞ୍ଜୀବ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଅରୂପ ଅଭିଷେକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଶେଷଜ୍ଞମାନେ କହିଥିଲେ ଯେ, ଆଧୁନିକ ଚିକିତ୍ସା ସୁବିଧା ଓ ସାପ କାମୁଡ଼ା ଇଞ୍ଜେକ୍ସନ ଥିଲେ ମଧ୍ୟ ସଚେତନତା ଅଭାବ ଯୋଗୁଁ ଲୋକେ ସୁଯୋଗ ପାଇପାରୁନାହାନ୍ତି । ଏଣୁ ଏପରି ତାଲିମ୍ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ଲୋକଙ୍କ ପାଖରେ ପହଂଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଇସିଏମଆରର ବରିଷ୍ଠ ବୈଜ୍ଞାନିକ ଡା. ଶ୍ରୀକାନ୍ତ କାନୁନଗୋଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଏନ୍ ଆଇ ଏଚ୍ ଆର୍ ର ବୈଜ୍ଞାନିକ ଅନିମେଷ ଜାନା, ସୁସ୍ମିତା କେରକେଟା, ଡଃ. ସମୀର ସାହୁ, ଡଃ. ପ୍ରୀତି ସେଠୀ, ସ୍ୱାଗତିକା ପତି, ସୁଶାନ୍ତ ବ୍ରହ୍ମ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିକ୍ରମ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ କବିତା ପାଠ କଲେ ବାଲେଶ୍ୱରର କବିଗଣ




ବାଲେଶ୍ୱର, (ନ.ପ୍ର.) : ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଗତକାଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଏହି କବିତା ଆସରରେ ବାଲେଶ୍ୱରର ନିମନ୍ତ୍ରିତ କବିମାନେ ଯୋଗ ଦେଇ ନିଜ ନିଜର କବିତା ପାଠ କରିଥିଲେ ।ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବିଗଣଙ୍କୁ ସ୍ୱାଗତ କରିବା ସହିତ କବିତା ପାଠ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ରଖି ନିଜେ ଏକ ସ୍ୱରଚିତ କବିତା ପାଠ କରିଥିଲେ ।ଆସରକୁ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ପରିଚାଳନା କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମିନା ଦାସ ଏବଂ ପିଜି କାଉନସିଲ ଅଧ୍ୟକ୍ଷ ସନ୍ତୋଷ କୁମାର ଅଗ୍ରୱାଲ ନିମନ୍ତ୍ରିତ କବିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କବିତା ଆସରରେ କବି ହରିଶ୍ଚନ୍ଦ୍ର ବେହେରା, ସମରେନ୍ଦ୍ର ନାଥ ମହାପାତ୍ର, ମନସ୍ୱିନୀ ଦେବୀ, ଶ୍ରୀଦେବ, ଶିରିଶ ଚନ୍ଦ୍ର ଜେନା, ଶୁଭେନ୍ଦୁ ଦାସ, ପ୍ରଶାନ୍ତ ଦାସ, ରାଧାରଞ୍ଜନ ପଟ୍ଟନାୟକ, ଭାଗବତ ଦାସ, ଦୀପକ ବୋଷ, କୃଷ୍ଣ କୁମାର ମହାନ୍ତି, ଅଭୟ ଦାସ, ଉତ୍ପଳ ମହାନ୍ତି, ଅଞ୍ଜଳି ପଣ୍ଡା, ଜ୍ୟୋସ୍ନା ରାୟ, କଲ୍ୟାଣୀ ନନ୍ଦ, ପ୍ରଦୀପ କୁମାର ମିଶ୍ର, ପ୍ରବୀର କାମିଲା, ଦେବାଶିଷ ପାତ୍ର, ବବୁଲୁ ପଧାନ, ବିବେକାନନ୍ଦ ନାୟକ, କମଳ ଲୋଚନ ପଣ୍ଡା, ବବୁଲ୍ କୁମାର କବି ପ୍ରମୁଖ କବିଗଣ କବିତା ପାଠ କରିଥିଲେ । ଏହି ଅବସରରେ କୁଳସଚିବ କୁକୁମିନା ଦାସ ଏକ ଜଗନ୍ନାଥ ଜଣାଣ ଗାୟନ କରିଥିଲେ ।

# ଯୁଗଶ୍ରୀଯୁଗନାରୀର ମେଘମହ୍ଲାର କବିତା ପାଠୋତ୍ସବ ଓ ପତ୍ରିକା ଉନ୍ମୋଚନ

ବାଲେଶ୍ୱର,(ନି.ପ୍ର.) ପ୍ରତବର୍ଷ ପରି ଚଳତବର୍ଷ ଶାନ୍ତକାନନ ଠାରେ ୧୨ ତାରିଖ ପୂର୍ବାହ୍ନରେ ମାସିକ ମହିଳା ସାହିତ୍ୟ ପତ୍ରିକା ଯୁଗଶ୍ରୀଯୁଗନାରୀ ଓ ଫକୀମୋହନ ସାହିତ୍ୟ ପରିଷଦର ମଳିତ ଆନୁକୂଲ୍ୟରେ ମେଘମହ୍ଲାର ସାରସ୍ୱତ ସମାବେଶ ଏବଂ ମୌସୁମୀ କବିତା ଆସର ପରିଷଦର ସଭାପତ ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲା ବେଳେ ଯୁଗଶ୍ରୀଯୁଗନାରୀ ପତ୍ରିକାର ସମ୍ପାଦିକା ମମତା ମହାପାତ୍ର ଯୋଗଦେଇ କବିମାନଙ୍କର ବର୍ଷା କାଳୀନ କବିତାର ଉଦାହରଣ ଦେଇଥିଲେ । କବିତା ପାଠୋତ୍ସବ ନୂତନ କବିମାନଙ୍କୁ ସୁଯୋଗ ସୃଷ୍ଟି କରିବା ପାଇଁ ମୁଖ୍ୟବକ୍ତା ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଗୀତାଂଜଳି ମିଶ୍ର ଯୋଗ ଦେଇଥିଲା ବେଳେ ଉପଦେଷ୍ଟା ସୁଶ୍ରୀ ଗୀତାଂଜଳି ସିଂ, କବି ଜ୍ୟୋସ୍ନା ରାୟ ଓ କବି ମଧୁସୂଦନ ମିଶ୍ର ପ୍ରମୁଖ ଯୋଗଦେଇ ମେଘମହ୍ଲାର କବିତା ସମ୍ପର୍କରେ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ରମାକାନ୍ତ ନାୟକ, କବି ଅଂଜଳି ପଣ୍ଡା, ଶିରିଶ ଚନ୍ଦ୍ର ଜେନା, ମିନତୀ କର, ମଧୁସୂଦନ ମାଝି, ପୀତାମ୍ବର ଦାସ, ପ୍ରଭାକର ସାହୁ, ସୁଷମା ମହାପାତ୍ର, ଦିଲ୍ଲୀପ ଚକ୍ରବର୍ତ୍ତୀ, ଗଗନ ସେଠୀ, ପ୍ରତିମା ପଣ୍ଡା, ଅର୍ଚ୍ଚନା ନନ୍ଦୀ, ସୁଷମା ମହାପାତ୍ର ଆଦି ବହୁ କବି ଯୋଗଦାନ କରି ନିଜର କବିତା ପାଠ କରିଥିଲେ । ସଭା ଆରମ୍ଭରେ ପଣ୍ଡିତ ସଂଜୟ ପଣ୍ଡା ବେଦପାଠ କରିଥିଲେ । ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । କଲ୍ୟାଣୀ ନନ୍ଦ, ବାସନ୍ତୀ ଦେ, ଅର୍ଚ୍ଚନା କର, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ପ୍ରଭାବର୍ତ୍ତୀ କୈବର୍ତ୍ତୀ, ଶାନ୍ତି ବିସି, କ୍ରିଷ୍ଣା ସାହା, କମଳାକାନ୍ତ ଦାସ, ତପନ ରାୟ, ସନ୍ଦିପ କୁମାର ସିଂ, ବସନ୍ତ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।









# ନିର୍ବାଚନ ମଣ୍ଡଳୀର ବିବିଧ ସମସ୍ୟାକୁ ନେଇ ଢେଙ୍କାନାଳ ସାଂସଦଙ୍କ ଦିଲ୍ଲୀ ଯାତ୍ରା



ଅନୁଗୁଳ(ନିପ୍ର): ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଆଜି ଶନିବାର ଅନୁଗୋଳ ରେଳ ଷ୍ଟେସନରୁ ରାଜଧାନୀ ସୁପର ଫାଷ୍ଟ ଏକ୍ସପ୍ରେସରେ ନିଉ ଦିଲ୍ଲୀ ଗସ୍ତ କରିଛନ୍ତି । ଢେଙ୍କାନାଳ ସଂସଦୀୟ କ୍ଷେତ୍ର ର ବିଭିନ୍ନ ସମସ୍ୟା କୁ ନେଇ ସାଂସଦ ଦିଲ୍ଲୀ ଗସ୍ତ କରିଛନ୍ତି । ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଏବଂ ସରକାରୀ ଅଧିକାରୀଙ୍କୁ ଭେଟି ନିର୍ବାଚନ ମଣ୍ଡଳୀ ର ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିବେ ସାଂସଦ । ଆଗାମୀ ୨୦ ତାରିଖ ରେ ପାର୍ଲିଆମେଂଟ ଅଧିବେଶନ ଚାଲିବାକୁ ଥିବା ବେଳେ ବିଭିନ୍ନ ସମସ୍ୟା ଉପରେ ପ୍ରଶ୍ନ ଦାଖଲ କରିବେ ସାଂସଦ ଓ ବିଭିନ୍ନ କମିଟି ବୈଠକ ରେ ଯୋଗଦେବେ । ଢେଙ୍କାନାଳ ସାଂସଦ ଶ୍ରୀ ପାଣି ସଦାସର୍ବଦା ନିର୍ବାଚନ ମଣ୍ଡଳୀ ବୁଲିବା ସହ କାର୍ଯ୍ୟକର୍ତା ଓ ଜନସାଧାରଣ ଙ୍କ ସୁଖ ଦୁଃଖ ରେ ସାମିଲ ହୋଇଥାନ୍ତି । ଜଣେ ସରଳ ନିଷ୍କପଟ ବ୍ୟକ୍ତିତ୍ୱ ତଥା ୧୯୭୪ ମସିହା ରୁ ରାଷ୍ଟ୍ରସେବା ରେ ବ୍ରତୀ ହୋଇ କାର୍ଯ୍ୟରତ ସାଂସଦ ଶ୍ରୀ ପାଣି ।

# ଭିଜିଲାନ୍ସ ଜାଲରେ ଏଏସଆଇ

କଟକ(ନିପ୍ର): ବିଳମ୍ବିତ ରାତିରେ, ଖୋର୍ଦ୍ଧାର ନାଚୁଣୀ ଥାନାର ଏ ଏସ ଆଇ ଅକ୍ଷୟ କୁମାର ସେଠୀଙ୍କୁ ଏକ ଜମି ବିବାଦକୁ ନେଇ ପିଏସରେ ପଞ୍ଜିକୃତ ଏକ ମାମଲା ବନ୍ଦ କରିବା ପାଇଁ ୫,୦୦୦ଟଙ୍କା ଲାଂଚ ଦାବି କରିବା ଏବଂ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ମାମଲା ରୁଜୁ କରାଯାଇ ଥିଲା, ଯାହା ପରେ ଦୁଇ ପକ୍ଷଙ୍କ ମଧ୍ୟରେ ଆପୋଷ ହୋଇଥିଲା । ୦୫.୦୭.୨୬ରେ, ଅଭିଯୋଗକାରୀ ଉକ୍ତ ପିଏସ୍ ?ରେ ବିପକ୍ଷ ପକ୍ଷ ବିରୁଦ୍ଧରେ ଏକ ଜମି ବିବାଦ ମାମଲାରେ ଏକ ମାମଲା ରୁଜୁ କରିଥିଲେ । ସେହି ସମୟରେ, ବିପକ୍ଷ ପକ୍ଷ ମଧ ଅଭିଯୋଗ ବିରୋଧରେ ଏକ ମାମଲା ରୁଜୁ କରିଥିଲେ । ଶ୍ରୀ ସେଠି, ଏ ଏସ ଆଇ ମାମଲାଗୁଡ଼ିକର ତଦନ୍ତକାରୀ ଅଧିକାରୀ ଥିଲେ । କିନ୍ତୁ, ସେହି ଦିନ ସନ୍ଧ୍ୟାରେ, ମାମଲାରେ ସମ୍ପୃକ୍ତ ଉଭୟ ପକ୍ଷଙ୍କ ଦ୍ୱାରା ଏକ ଆପୋଷ ସମାଧାନ ହୋଇଥିଲା । ଆପୋଷ ସମାଧାନ ପରେ, ଏ ଏସ ଆଇ ଶ୍ରୀ ସେଠି ପିଏସ୍ ସ୍ତରରେ ମାମଲାଗୁଡ଼ିକୁ ଶେଷ କରିବା ପାଇଁ ୧୦,୦୦୦ଟଙ୍କା (ପ୍ରତ୍ୟେକ ପକ୍ଷଙ୍କଠାରୁ ୫,୦୦୦ଟଙ୍କା) ଲାଂଚ ଦାବି କରିଥିଲେ । ଅଭିଯୋଗକାରୀଙ୍କୁ ଓଡ଼ିଶା ବାହାରେ ତାଙ୍କ କାର୍ଯ୍ୟସ୍ଥଳକୁ ଫେରିବାକୁ ପଡ଼ିବାରୁ, ସେ ତାଙ୍କ ମାମଲାର ଶୀଘ୍ର ସମାଧାନ ପାଇଁ ଏ ଏସ ଆଇଙ୍କୁ ଅନୁରୋଧ କରିଥିଲେ । ଏହା ଉପରେ ଏ ଏସ ଆଇ ସେଠି ତାଙ୍କୁ ୫୦୦୦ଟଙ୍କା ଲାଂଚ ଦାବି ସହିତ ଏକ ସତ୍ୟପାଠ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ । ୧୦.୦୭.୨୬ ରେ, ଯାହା ପରେ ସେ ଆବଶ୍ୟକୀୟ କାର୍ଯ୍ୟ କରିବେ । ଲାଂଚ ଦାବିରେ ଦୁଃଖିତ ହୋଇ, ଅଭିଯୋଗକାରୀ ଭିଜିଲାନ୍ସ କର୍ତୃପକ୍ଷଙ୍କ ସହ ଯୋଗାଯୋଗ କଲେ । ସୂଚନା ପାଇବା ପରେ, ଓଡ଼ିଶା ଭିଜିଲାନ୍ସର ଏକ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏ ଏସ ଆଇଙ୍କୁ ଲାଂଚ ଟଙ୍କା ନେଉଥିବା ସମୟରେ ଦୂରରୁ ନଜର ରଖିଥିଲେ । କିନ୍ତୁ, ଲାଂଚ ନେବା ପରେ, ଭିଜିଲାନ୍ସ ଦଳ ଆସୁଥିବା ଦେଖି, ଏ ଏସ ଆଇ ତାଙ୍କ ମୋଟରସାଇକେଲ ଯୋଗେ ଘଟଣାସ୍ଥଳ (ଏକ ନିର୍ଜନ ଅନ୍ଧାର ସ୍ଥାନ)ରୁ ଅଭିଯୋଗକାରୀଙ୍କଠାରୁ ମିଳିଥିବା ୫୦୦୦ଟଙ୍କା ଲାଂଚ ଟଙ୍କା ନେଇ ପଳାଇ ଯାଇଥିଲେ । ଏହି ଘଟଣା ପରେ, ନାଚୁନି ପିଏସ୍ ଅଧିକାରୀଙ୍କ ଉପସ୍ଥିତିରେ ଶ୍ରୀ ସେଠିଙ୍କ ସହ ଜଡିତ ସ୍ଥାନ ଗୁଡ଼ିକରେ ଏକକାଳୀନ ସନ୍ଧାନ ଆରମ୍ଭ କରାଯାଇଛି । ଏହି ସମ୍ପର୍କରେ, ଭୁବନେଶ୍ୱର ଭିଜିଲାନ୍ସ ପି.ଏସ୍.କେସ୍ ନଂ.୧୬ ତାରିଖ ୧୦.୦୭.୨୦୨୬ଧାରା ୭ ପି.ସି. (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ପଞ୍ଜୀକୃତ ହୋଇଛି । ଲାଂଚ ମାମଲାରେ ଏ ଏସ ଆଇଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ।

# ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରରେ

ବାରିପଦା(ନିପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ଯୋଜନାରେ ଓଡ଼ିଶାର ଉନ୍ନତ ଶିକ୍ଷା ପ୍ରତିଷ୍ଠାନ ଭାବରେ ପରିଚିତ ଆଦର୍ଶ ବିଦ୍ୟାଳୟ (ଓଏଭି) ଗୁଡ଼ିକ ଏବେ ଗମ୍ଭୀର ଶିକ୍ଷକ ସଙ୍କଟର ଶିକାର ହୋଇଛନ୍ତି । ବିନା ଖର୍ଚ୍ଚରେ ଓଡିଶାର ମେଧାବୀ ଶିକ୍ଷାର୍ଥୀ ଏହି ବିଦ୍ୟାଳୟରେ ବହୁ ଆଶା ରଖି ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ପରେ ନାମ ଲେଖାଇଛନ୍ତି । ତେବେ ମୟୂରଭଞ୍ଜ ଜିଲ୍ଲାର ୨୬ଟି ଓଏଭିରେ ଶିକ୍ଷକ ଅଭାବ ଚରମ ସୀମାରେ ପହଂଚିଛି । ଏପ୍ରିଲ ୧୭ ତାରିଖରୁ ପ୍ରାୟ ଦୁଇ ମାସ ଧରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏକ ମଧ ଶ୍ରେଣୀ ହୋଇନାହିଁ । ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ବୋର୍ଡ ପରୀକ୍ଷା ଆସୁଥିବା ସମୟରେ ଏହି ସଙ୍କଟ ସେମାନଙ୍କ ଭବିଷ୍ୟତକୁ ଗଭୀର ଭାବେ ପ୍ରଭାବିତ କରୁଛି । ଏପ୍ରିଲ ମାସରୁ ହିନ୍ଦୀ, ସଂସ୍କୃତ, ସଙ୍ଗୀତ, କମ୍ପ୍ୟୁଟର ସାଇନ୍ସ, କେମିଷ୍ଟ୍ରି ପରି ବିଷୟଗୁଡ଼ିକରେ ନିୟମିତ ଶିକ୍ଷାଦାନ ବନ୍ଦ ରହିଛି । ରାଜ୍ୟସ୍ତରୀୟ ପିରିଓଡିକ ପରୀକ୍ଷା ଜୁଲାଇ ୬ରୁ ଆରମ୍ଭ ହୋଇଛି ମାତ୍ର ଶିକ୍ଷକ ସମସ୍ୟା ପାଇଁ ମୟୂରଭଞ୍ଜରେ ଜୁଲାଇ ୧୧ରୁ ଆରମ୍ଭ ହେବ । କିନ୍ତୁ ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ପରିଚାଳନା ଏବଂ ଉତରପତ୍ର ମୂଲ୍ୟାୟନ ପାଇଁ ଜିଲ୍ଲାରେ ପର୍ଯ୍ୟାପ୍ତ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀଙ୍କ ମନରେ ଚିନ୍ତା ବଢୁଛି । ୨୬ଟି ଆଦର୍ଶ ବିଦ୍ୟାଳୟରେ ଖାଲି ପଡିଥିବା ମୋଟ ୨୩୧ରୁ ଅଧିକ ପଦବୀ ଖାଲି ପଦବୀ ମଧ୍ୟରେ ୧୧୯ରୁ ଅଧିକ ଟିଜିଟି ଶିକ୍ଷକ ରହିଛନ୍ତି । ତନ୍ମଧ୍ୟରୁ ୨୧ ହିନ୍ଦୀ, ୧୫ଟିସଂସ୍କୃତ ଓ ୨୫ ସଙ୍ଗୀତ ଶିକ୍ଷକ ପଦବୀ ଖାଲି ପଡିଛି । ସେହିପରି ୫୨ଟି ପିଜିଟି ପଦବୀ ଖାଲିଥିବା ବେଳେ ୧୪ଟି କମ୍ପ୍ୟୁଟର ସାଇନ୍ସ, ୧୨ କେମିଷ୍ଟ୍ରି ଶିକ୍ଷକ ପଦବୀ ରହିଛି । ସେହିପରି ୨୬ ଯାକ ବିଦ୍ୟାଳୟରେ ଲାଇବ୍ରେରିଆନ୍ ପଦବୀ ଖାଲି ପଡିଛି । ସର୍ବାଧିକ ଚିନ୍ତାଜନକ ମଧ୍ୟରେ ୩୪ଟି ପ୍ରଶାସନିକ ପଦବୀ ମଧ୍ୟରୁ ୨୫ଟି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି । ଫଳରେ ଦୈନନ୍ଦିନ ଏକାଡେମିକ ଯୋଜନା ଓ ପରୀକ୍ଷା ସମନ୍ୱୟ ଚୁକ୍ତିଭିତିକ ଶିକ୍ଷକଙ୍କ ଉପରେ ନିର୍ଭର କରୁଛି ।

# ନାଗାବଳୀକୁ ଛଡା ଯାଉଥିବା ବର୍ଜ୍ୟ ଜଳରେ ବାୟୋ କେମିକାଲ ଅକ୍ସିଜେନ ଡିମାଣ୍ଡର ସୀମା ଅତିକ୍ରମ !

ରାୟଗଡ଼ା(ନିପ୍ର): ରାୟଗଡ଼ା ଜିଲ୍ଲାର ଜେକେ ପେପର ମିଲ୍ ?ରୁ ନାଗାବଳୀ ନଦୀକୁ ନିଷ୍କାସନ ହେଉଥିବା ବର୍ଜ୍ୟଜଳର ଗୁଣବତାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଝଚଉଇ), ରାୟଗଡ଼ାଙ୍କ ରେଫରେନ୍ସ ନମ୍ବର ୪୨/ଡବ୍ଲ୍ୟୁ ଡବ୍ଲ୍ୟୁ/୨୦୨୪-୨୫ ର ଜଳ ବିଶ୍ଳେଷଣ ରିପୋର୍ଟ ଅନୁଯାୟୀ, ଶିଳ୍ପ ବର୍ଜ୍ୟଜଳରେ ଅନୁମତିପ୍ରାପ୍ତ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ ସୀମା ୩୦ ମି.ଗ୍ରା./ଲିଟର ଥିବାବେଳେ ଏଫ୍ଲୁଏଂଟ ବଣ୍ଡ-୨ରେ ୩୭ ମି.ଗ୍ରା./ଲିଟର ଏବଂ ଏସ ଟି ପି ଆଉଟ୍ ଲେଟରେ ୫୨ ମି.ଗ୍ରା./ଲିଟର ବାୟୋକେମିକାଲ ଅକ୍ସିଜେନ



ଡିମାଣ୍ଡ ରେକର୍ଡ ହୋଇଥିବା ଦର୍ଶାଯାଇଛି । ପରିବେଶ ବିଶେଷଜ୍ଞଙ୍କ ମତରେ, ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ ମାତ୍ରା ବଢ଼ିବାର ଅର୍ଥ ହେଉଛି ପାଣିରେ ଜୈବ ବର୍ଜ୍ୟ ପଦାର୍ଥର ପରିମାଣ ଅଧିକ ଥିବା । ଏହି ବର୍ଜ୍ୟକୁ ଭାଙ୍ଗିବା ପାଇଁ ଅଣୁଜୀବମାନେ ପାଣିରେ ଥିବା ଦ୍ରବୀଭୂତ ଅମ୍ଳଜାନ ବ୍ୟବହାର କରନ୍ତି । ଫଳରେ ନଦୀରେ ଅମ୍ଳଜାନର ପରିମାଣ କମିଯାଇ ମାଛ ଓ ଅନ୍ୟ ଜଳଜୀବଙ୍କ ଜୀବନ ପ୍ରଭାବିତ ହୋଇପାରେ । ଦୀର୍ଘ ସମୟ ଧରି ଏଭଳି ପରିସ୍ଥିତି ରହିଲେ ନଦୀର ପରିବେଶ ସନ୍ତୁଳନ ବିଗିଡ଼ିବାର ଆଶଙ୍କା ରହିଥାଏ ।ପାନୀୟ ଜଳର ସୁରକ୍ଷା ନିର୍ଣ୍ଣୟ ପାଇଁ ଜୀବାଣୁ, ଭାରୀ ଧାତୁ, ରାସାୟନିକ ପ୍ରଦୂଷକ ଏବଂ ଅନ୍ୟାନ୍ୟ ଜଳ ଗୁଣବତା ମାନକର ପରୀକ୍ଷା ଆବଶ୍ୟକ । ତେଣୁ, ନଦୀର ପାଣିକୁ ଉପଯୁକ୍ତ ବିଶୋଧନ ବିନା ସିଧାସଳଖ ପାନ କରିବା ସ୍ୱାସ୍ଥ୍ୟ ପାଇଁ ବିପଦଜନକ ହୋଇପାରେ । ଏହି ରିପୋର୍ଟକୁ ନେଇ ପ୍ରଶ୍ନ ଉଠୁଛି ଯେ, ଯଦି ନିର୍ଦ୍ଧାରିତ ସୀମାଠାରୁ ଅଧିକ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ ରେକର୍ଡ ହୋଇଥିଲା, ତେବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପର୍ଷଦ ପକ୍ଷରୁ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏ ସମ୍ପର୍କରେ ସ୍ୱଷ୍ଟ ସୂଚନା ସାମ୍ନାକୁ ଆସିନାହିଁ । ଅନ୍ୟପକ୍ଷରେ, ନାଗାବଳୀ ନଦୀରୁ ଶିଳ୍ପ କାର୍ଯ୍ୟ ପାଇଁ ଜଳ ଉତୋଳନ କରାଯାଉଥିବା ସ୍ଥାନରେ ଜଳ ପରିମାଣ ମାପିବା ପାଇଁ ମିଟର ଲାଗିଥିବା ସତ୍ୱେ, ଏହାର ରିଡିଂ ସମ୍ବନ୍ଧୀୟ ସୂଚନା ଜଳ ସମ୍ପଦ ବିଭାଗ ପାଖରେ ଉପଲବ୍ଧ ନଥିବା ଅଭିଯୋଗ ହେଉଛି । ଏପରି ସ୍ଥିତିରେ ଅନୁମୋଦିତ ପରିମାଣର ଜଳ ହିଁ ଉତୋଳନ ହେଉଛି କି ନାହିଁ, ତାହାର ସ୍ୱାଧୀନ ଯା*କୁ ନେଇ ପ୍ରଶ୍ନ ଉଠୁଛି । ଏ ସମ୍ପର୍କରେ ଜେକେ ପେପର ମିଲ୍ ?, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଏବଂ ଜଳ ସମ୍ପଦ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ । ସେମାନଙ୍କ ପକ୍ଷ ମିଳିଲେ ତାହାକୁ ମଧ ସମାନ ଗୁରୁତ୍ୱ ସହ ପ୍ରକାଶ କରାଯିବ ।

# ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ନୟାଗ(ନିପ୍ର): ବନ ମହୋତ୍ସବ ଅବସରରେ ନୟାଗଡ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସ୍ଥିତ ଭାଗିରଥୀ ହାଇସ୍କୁଲ ପରିସରରେ ବ୍ୟାପକ ଭାବେ ବିଭିନ୍ନ କିସମର ବୃକ୍ଷ ରୋପଣ ହୋଇଛି । ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ପୂର୍ଣ୍ଣିମା ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ସ୍ୱାସ୍ଥ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ହାଇସ୍କୁଲର ଇକୋ କ୍ଲବ ଆଗେଇ ନେଇଥିବାବେଳେ ଏହି ପରିବେଶ ସଚେତନତା ଧର୍ମୀ କାର୍ଯକ୍ରମରେ ସମସ୍ତ ଛାତ୍ର ଛାତ୍ରୀଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସଭାପତି ନବ କିଶୋର ପରିଡ଼ା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଦାସ, ଶିକ୍ଷକ ବିଭୂତି ଭୂଷଣ ରଣସିଂହ, ସୂର୍ଯ୍ୟତା ବେହେରା, ଅନସୂୟା ବେହେରା, ଲୋମିତ ପ୍ରିୟଦର୍ଶିନି, ସ୍ୱାଗତିକା ମହାନ୍ତି, ବେଣୁଧର ବିଶ୍ୱାଳ, ରାଜେଶ କୁମାର ପଣ୍ଡା, ଦୀପକ କୁମାର ମଙ୍ଗଲ, କିଶୋର କୁମାର ଭଞ୍ଜ, ଚିତି ରଞ୍ଜନ ଦାଶ, ଯୋଗେଶ ରାଉଳ, ରାମ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବା ଶହ ବୃକ୍ଷ ରୋପଣ ନୁହେଁ ଏହାକୁ ବଂଚାଇ ପାରିଲେ ଏହାର ଅସଲ ଉଦ୍ଦେଶ୍ୟ ସାଧିତ ହେବ ବୋଲି ସମସ୍ତଙ୍କୁ ସଚେତନ କରାଇଥିଲେ

# ସାମ୍ବାଦିକ ସ୍ୱର୍ଗତଃ ଅମରେନ୍ଦ୍ରଲାଲଙ୍କ ସ୍ମୃତିରେ ରକ୍ତଦାନ ଶିବିର

ବାରିପଦା(ନିପ୍ର): ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକଙ୍କ 'ଭୀଷ୍ମ ପିତାମହ' ସ୍ୱର୍ଗତଃ ଅମରେନ୍ଦ୍ରଲାଲ ବୋଷଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଜିଲ୍ଲା ସାମ୍ବାଦିକ ପରିବାର, ମୟୂରଭଞ୍ଜ ପକ୍ଷରୁ ଆୟୋଜିତ ଶିବିରକୁ ଜିଲ୍ଲାପାଳ ହେମକାନ୍ତ ସୟ ଉଦଘାଟନ କରିବା ସହିତ ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ତାଙ୍କ ସହିତ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଯୋଗଦେଇ ନିଜେ ରକ୍ତଦାନ କରି ଦିବଂଗତ ଶ୍ରୀ ବୋଷଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର ମୁନ୍ଦୟାଙ୍କ ଉପସ୍ଥିତିରେ ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କଳିଙ୍ଗ କେଶରୀ ଜେନା, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦାସ, ସୁକାନ୍ତ କୁମାର ଜିଉ ଓ ସମାଜସେବୀ ଅମରସେଠୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା କୋଣ ଅନୁକୋଣରୁ ସାମ୍ବାଦିକ ଓ ସ୍ୱେଚ୍ଛାକୃତ ରକ୍ତ ଦାତା ରକ୍ତ ଦାନ କରି ସ୍ୱର୍ଗତ ଅମରେନ୍ଦ୍ର ଲାଲଙ୍କ ୬୦ବର୍ଷର ସାମ୍ବାଦିକତା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶିବିରରେ ମୋଟ ୫୪ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଓ ରକ୍ତଦାତା କାର୍ଡ ସହିତ ଉତୋରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସୁଜିତ ମହାନ୍ତି, ଦେବାଶିଷ ପାତ୍ର, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଅନନ୍ତ ଦାସ, ପ୍ରଭାତ ମହାନ୍ତି, ସୌମରଞ୍ଜନ ମିଶ୍ର, ରାଜା ଖାନ୍, ବିପ୍ଳବ ଭଞ୍ଜନ ବୁଗୁଡେଇ, ସୁନୀଲ ନାୟକ ପ୍ରମୁଖ ମହତ କାର୍ଯ୍ୟର ପ୍ରଶଂସା କରିଥିଲେ । ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ସୌମରଞ୍ଜନ ନାୟକ ଓ ବୈଷୟିକ ଟିମ ରକ୍ତ ସଂଗ୍ରହରେ ସହଯୋଗ କରିଥିବା ବେଳେ ଶିବିର ପରିଚାଳନାରେ ସୋମନାଥ ସିଂ, ନିରୋଜ ଲୋଚନ ପୁଥାଳ ଓ ଅସୀମ ଚକ୍ରବର୍ତୀ ସହଯୋଗ କରିଥିଲେ ।

# ବିନା ସୂଚନା ଫଳକ ଓ ନିମ୍ନମାନର କାର୍ଯ୍ୟକୁ ସମିତି ସଭ୍ୟା ଓ ଗ୍ରାମବାସୀଙ୍କ ବିରୋଧ



ସୋର(ନିପ୍ର): ସୋର ବ୍ଲକ ନଦୀଗାଁ ପଂଚାୟତ ନଦୀଗାଁ, ଗୁହାଳଡିହି ଏବଂ ବାଇନଣ୍ଡା ଗ୍ରାମର ବିଭିନ୍ନ ସ୍ଥାନରେ ଚାଲିଥିବା ରାସ୍ତା, ଡ୍ରେନ, ପେଖାର ଏବଂ ପୋଲ କାର୍ଯ୍ୟରେ କୌଣସି ସୂଚନା ଫଳକ ଲାଗିନଥିବାରୁ ପ୍ରକଳ୍ପର ମୂଲ୍ୟ ଏବଂ ମାନ ସଂପର୍କରେ ଗ୍ରାମବାସୀମାନେ ଅବଗତ ହୋଇ ନପାରି ଏହାକୁ ବିରୋଧ କରିଛନ୍ତି । ବିଶେଷକରି ପଂଚାୟତର ସମିତିସଭ୍ୟା ସୁକାନ୍ତି ନାୟକ ଏବଂ ସମାଜସେବୀ କରୁଣାକର ନାୟକ ଏହି କାର୍ଯ୍ୟ ସଂପର୍କରେ କୌଣସି ସୂଚନା ପାଇ ନଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହିତ ଜିଲାପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁଙ୍କୁ ପଚରାଉଚରା କରିଛନ୍ତି । ନଦୀଗାଁରେ ଚାଲିଥିବା ନାୟକସାହିରୁ ସେଣସାହି ଡ୍ରେନରେ ପାଣି ନିଷ୍କାସିତ ହୋଇ ନପାରି ଜମି ରହୁଛି, ରାଧାଗୋବିନ୍ଦ ମନ୍ଦିରଠାରୁ ଶାସନ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା, ଗୁହାଳଡିହିର ପୋଲ, ମହାଦେବ ପଢ଼ିଆରେ ମାଟିକାମ ଏବଂ କଂକ୍ରିଟ ରାସ୍ତାମରାମତି କାର୍ଯ୍ୟଗୁଡ଼ିକ ଶେଷ ହୋଇଥିବା ବେଳେ ଏହାର କୌଣସି ସୂଚନା ଫଳକ ଲଗା ନଯାଇ ନିମ୍ନମାନର କରାଯାଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ସେହିପରି ଗୁହାଳଡିହିର ଏକ ପୋଖରୀ ଖୋଳା, ୩ଟି ସ୍ଥାନରେ କଂକ୍ରିଟ ରାସ୍ତା ଅତି ନିମ୍ନ ମାନର ହୋଇଥିବା ଅଭିଯୋଗ ହୋଇଛି । ଏ ସଂପର୍କରେ ସଂପୃକ୍ତ ବ୍ଲକ ଜେଇ ମୋନାଲିସା ପତିଙ୍କୁ ପଚାରିବାରେ ସେ ପୋଖରୀ ଖୋଳା ଏବଂ ମାଟି ପକାଯିବା ସଂପର୍କରେ ଜାଣି ନଥିବା କରିଛନ୍ତି ।


# ଛେଲିଗଡ଼ ଜଳସେଚନ ପ୍ରକଳ୍ପର ଥଇଥାନ ଓ ଉପାନ୍ତ ଅଂଚଳ ଉନ୍ନୟନ ପରାମର୍ଶଦାତା କମିଟିର ୬ଷ୍ଠ ବୈଠକ


ଛତ୍ରପୁର(ନିପ୍ର): ଓଡିଶା ସରକାରଙ୍କ ଜଳସେଚନ ବିଭାଗ ଅନ୍ତର୍ଗତ ଛେଲିଗଡ଼ ଜଳସେଚନ ପ୍ରକଳ୍ପର ଥଇଥାନ ଓ ଉପାନ୍ତ ଅଂଚଳ ଉନ୍ନୟନ ପରାମର୍ଶଦାତା କମିଟିର ୬ଷ୍ଠ ବୈଠକ ଆଜି ଦକ୍ଷିଣା*ଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଛତ୍ରପୁର ସ୍ଥିତ ରଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲାପାଳ ୱି କୀର୍ତି ୱାସନ, ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ, ଅଶୋକ କୁମାର ବେହେରା, ନିର୍ଦ୍ଦେଶକ (ଥଇଥାନ ଓ ପୁନର୍ବାସ), ଜଳସମ୍ପଦ ବିଭାଗ, ଗଜପତି ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ମୀନା, ପାରଳାଖେମୁଣ୍ଡି ବନଖଣ୍ଡ



ଅଧିକାରୀ କେ ନାଗାର୍ଜୁନଙ୍କ ସମେତ ସ୍ଥାନୀୟ ଅଂଚଳର ଜନପ୍ରତିନିଧି, ଜନସାଧାରଣ , ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ଛେଲିଗଡ଼ ଜଳସେଚନ ପ୍ରକଳ୍ପ ସମ୍ପର୍କିତ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି, ଥଇଥାନ ଓ ପୁନର୍ବାସ, ଆ.ଆର୍ କଲୋନୀ କାର୍ଯ୍ୟ ଅଗ୍ରଗତି, ଜୀବିକା ନିର୍ବାହ ପନ୍ଥା ସୃଷ୍ଟି, ପଟ୍ଟା ପ୍ରାପ୍ତି ଜନିତ ସମସ୍ୟା, ୨୦୦୬ ଓ ୨୦୧୩ର ଆଇନ, ଆର୍ଥିକ ସହାୟତା ଆଦି ସମସ୍ତ ବିଷୟରେ ଆଲୋଚନା କରିଥିଲେ । ସୂଚନା ଯୋଗ୍ୟ ଯେ, ବିସ୍ଥାପିତ ପରିବାରମାନଙ୍କୁ ନୂତନ ବିଦ୍ୟୁତ ସଂଯୋଗ ଯୋଗାଇଦେବା ପାଇଁ ପରିବାର ପିଛା ୩୯୧୦ ଟଙ୍କା ମଞ୍ଜୁର କରାଯାଇଛି । ଛେଲିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ୩୦ ଅକ୍ଟୋବର ୨୦୨୩ ରେ ଷ୍ଟେଜ୍-୨ ଜଙ୍ଗଲ ମଞ୍ଜୁରୀ ଦେଇସାରିଛି । ପ୍ରକଳ୍ପର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ସମୟରେ ଜଣାପଡିଥିଲା ଡ୍ୟାମ୍ ଓ ସ୍ପିଲୱେ ଡିଜାଇନ୍ ଅନୁମୋଦିତ ହୋଇସାରିଛି । ଏହି କାର୍ଯ୍ୟକୁ ୩୧ ଡିସେମ୍ବର ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ୧୨୮୦ ମିଟର ଲମ୍ବର ଟନେଲ୍ କାର୍ଯ୍ୟ ଜୁଲାଇ ୨୦୨୪ ସୁଦ୍ଧା ଶେଷ ହୋଇସାରିଛି । ମୁଖ୍ୟ କେନାଲ୍‌ର ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି । ପ୍ରକଳ୍ପ ଯୋଗୁଁ ମୋଟ ୫୯୬ଟି ପରିବାର ବିସ୍ଥାପିତ ଏବଂ ୫୦୩ଟି ପରିବାର ପ୍ରଭାବିତ ହେଉଛନ୍ତି । ଓଡ଼ିଶା ଥଇଥାନ ଓ ପୁନର୍ବାସ ନୀତି–୨୦୦୬ (ନବମ ସଂଶୋଧନ) ଅନୁଯାୟୀ ଅନୁସୂଚିତ ଜନଜାତି ପରିବାରଙ୍କୁ ୧୦ ଲକ୍ଷ ୯୯ ହଜାର ୬୦୨ ଟଙ୍କା ଏବଂ ଅନ୍ୟ ବର୍ଗର ପରିବାରଙ୍କୁ ୯ ଲକ୍ଷ ୭୬ ହଜାର ୪୮୪ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି । ଏଥିସହ ଗଜପତି ଜିଲ୍ଲା ବାହାରେ ସ୍ଥାୟୀ ବସବାସ କରିବାକୁ ଇଚ୍ଛୁକ ଅନୁସୂଚିତ ଜନଜାତି ପରିବାରଙ୍କୁ ଅତିରିକ୍ତ ୨୫ ପ୍ରତିଶତ ସହାୟତା ରାଶି ପ୍ରଦାନ ପାଇଁ ସରକାର ମଞ୍ଜୁରୀ ଦେଇଛନ୍ତି । ଗଜପତି ଜିଲ୍ଲାରେ ୩ଟି ( ରତାଙ୍ଗ, ସୈଲାଙ୍ଗ, ପିଲିସୁଗୁବା) ଏବଂ ଗଞ୍ଜାମ ଜିଲ୍ଲାରେ ୪ଟି (ସାନ୍ତ୍ରାପୁର, ବାବୁଲିବନ୍ଧ, ବାଲିପାଟ, ଚାକୁଣ୍ଡାପଲ୍ଲୀ) ସ୍ମାର୍ଟ ଆ.ଆର୍ କଲୋନୀ ନିର୍ମାଣ ହେଉଛି, ଯେଉଁଥିରେ ପାନୀୟ ଜଳ, ରାସ୍ତା, ଓ ଟ୍ରାନ୍ସଫର୍ମର ସହ ବିଦ୍ୟୁତୀକରଣ କାର୍ଯ୍ୟ ଅବ୍ୟାହତ ରହିଛି । ବିସ୍ଥାପିତ ପରିବାର ଗୁଡ଼ିକର ରୋଜଗାର ପାଇଁ କମ୍ୟୁନିଟି କାଓ ସେଡ୍ ନିର୍ମାଣ ସହିତ ମାଗଣାରେ କୁକୁଡ଼ା ପାଳନ ପାଇଁ ୫୦ଟି ଲେଖାଏଁ କୁକୁଡ଼ା ଯୋଗାଇ ଦିଆଯାଉଛି । ଲୋକମାନଙ୍କର ତାଲିମ ଏବଂ ନିଯୁକ୍ତି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । କ୍ଷତିପୂରଣ ୨୦୦୬ ନୀତି ବଦଳରେ ୨୦୧୩ ର ନୂତନ ଆଇନ ଅନୁଯାୟୀ ପ୍ରଦାନ କରିବା ପାଇଁ ଦାବି ରହିଛି । ଏହି ଦାବିର ପ୍ରତିଉତରରେ ପ୍ରଶାସନ ସ୍ୱଷ୍ଟ କରିଛି ଯେ, ୨୦୦୬ ପଲିସି (ସପ୍ତମ ସଂଶୋଧନ ସହିତ) ଲୋକଙ୍କୁ ଭଲ ସୁବିଧା ଓ ଆର୍ଥିକ ରାଶି ମିଳିପାରୁଛି । ଅନେକ ଲୋକ ପାଖାପାଖି ୩-୪ ଏକର କୃଷି ଜମି ହରାଇଛନ୍ତି ଏବଂ ପ୍ରକଳ୍ପ ତରଫରୁ ସେମାନଙ୍କୁ କେବଳ ଘର ଡିହ ଓ କ୍ଷତିପୂରଣ ଅର୍ଥ ମିଳୁଛି ବୋଲି ଅସନ୍ତୋଷ ବ୍ୟକ୍ତ କରିଥିଲେ । ସରକାରଙ୍କ ନୀତି ଅନୁଯାୟୀ ସର୍ବାଧିକ ସହାୟତା ପ୍ରଦାନ କରାଯିବ ବୋଲି ବୈଠକରେ କୁହାଯାଇଥିଲା ।









ଭୟ ଦୁନିଆର ସବୁଠୁ ବଡ଼ ମହାମାରୀ, ସେପରି ସାହସ ହେଉଛି ବିଶ୍ୱର ଶକ୍ତିଶାଳୀ ଟୀକା

# ଆଜିକାଲି



ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ
ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ :ରାଗ, ହିଂସା, କାମନା ଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି ।


## ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହନ

ସଫେଇ ମିତ୍ରଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ଏବଂ ସୁରକ୍ଷିତ ଓ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଚଳିତ ମାସ ୧୪ ତାରିଖରେ ରାଜ୍ୟର ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)ରେ 'ନମସ୍ତେ ଦିବସ' ପାଳନ କରାଯିବ । ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞପିତ ଅଂଚଳ ପରିଷଦକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇଛି । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଗୃହ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର 'ନ୍ୟାସନାଲ୍ ଆକ୍ସନ୍ ଫର୍ ମେକାନାଇଜ୍ଡ ସାନିଟେସନ୍ ଇକୋସିଷ୍ଟମ୍ (ନମସ୍ତେ)' କାର୍ଯ୍ୟକ୍ରମ ଅନୁଯାୟୀ ଏହି ଦିବସ ପାଳନ କରାଯାଉଛି । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ସମସ୍ତ ମହାନଗର ନିଗମ କମିଶନର ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟ ସ୍ତରରେ ଜନପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱଚ୍ଛ ଭାରତ ମିଶନ (ସହରାଂଚଳ) ଆଇ. ଇ. ସି. ପାଣ୍ଠିର ଉପଯୋଗ ଅନୁମୋଦିତ ଆର୍ଥିକ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବିଭାଗ ଅନୁମୋଦନ କରିଛି । ସ୍ୱଚ୍ଛତା କର୍ମୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ୟୁନିଫର୍ମ ପିନ୍ଧି ଏକତ୍ରିତ ହେବେ, ଯେଉଁଥିରେ ନମସ୍ତେ ଏବଂ ସ୍ୱଚ୍ଛ ଭାରତ ମିଶନର ଲୋଗୋ ଥିବା ବ୍ୟାନର ପ୍ରଦର୍ଶିତ ହେବ । ଏହି ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃତିଗତ ସୁରକ୍ଷା ପ୍ରଶିକ୍ଷଣ, ସରକାରୀ କଲ୍ୟାଣକାରୀ ଯୋଜନାରେ ସଂଯୋଗ ଶିବିର, ଆୟୁଷ୍ମାନ୍ ଭାରତ କାର୍ଡ ଓ ନମସ୍ତେ ପରିଚୟପତ୍ର ବଂଟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ବଂଟନ ଏବଂ ଆଧୁନିକ ଯାନ୍ତ୍ରିକ ସ୍ୱଚ୍ଛତା ଉପକରଣର ପ୍ରଦର୍ଶନ କରାଯିବ । ଉଲ୍ଲେଖନୀୟ ସେବା ପାଇଁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ ମଧ୍ୟ କରାଯିବ । 'ନମସ୍ତେ ଦିବସ' ପାଳନ ମାଧ୍ୟମରେ ରାଜ୍ୟ ସରକାର ସଫେଇ କର୍ମଚାରୀଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିବା ସହ ସମ୍ପୂର୍ଣ୍ଣ ଯାନ୍ତ୍ରିକ, ନିରାପଦ ଓ ମାନବିକ ସହରାଂଚଳ ସ୍ୱଚ୍ଛତା ବ୍ୟବସ୍ଥା ଗଠନ ଦିଗରେ ଆଉ ଏକ ପଦକ୍ଷେପ ।

# ସାହିତ୍ୟ ସାରଥି - ଗୌରୀଶଙ୍କର

◆ ଅକ୍ଷୟ କୁମାର ରାଉତ

ଓଡିଆ ଜାତି ଦାରୁଣ ସଙ୍କଟର ସମ୍ମୁଖିନ ହୋଇ ଅତ୍ୟାଚାର, ଅନ୍ୟାୟ, ଅନୀତି, ପରାଧୀନତାରେ ସଢୁଥିବା ବେଳେ ଉତ୍କଳର ପ୍ରାଣ, ପ୍ରଜ୍ଞାପୁରୁଷ ସାହିତ୍ୟ ସାରଥୀ ପ୍ରବୀଣ ସାମ୍ବାଦିକ କର୍ମବୀର ଗୌରିଶଙ୍କର କଟକ ଜିଲ୍ଲାର ଦୀକ୍ଷିତ ପଡାରେ ୧୮୩୮ମସିହା ଜୁଲାଇ ୧୩ ତାରିଖ ଆଷାଢ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ପିତା ସଦାଶିବ ରାୟ ଓ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ତାଙ୍କର ପୂର୍ବ ପୁରୁଷ ମାନେ ଷୋଡଶ ଶତାବ୍ଦୀରେ ବର୍ଦ୍ଧମାନ ଜିଲ୍ଲାସ୍ଥ ଚମ୍ପାପୁରରୁ ଆସି ଓଡିଶାର ଦୀକ୍ଷିତ ପଡାରେ ବାସ କରୁଥିଲେ । ତାଙ୍କ ସାଙ୍ଗିଆ ଥିଲା ବସୁ ବା ବୋଷ ପରେ ସେ ରାୟ ଭାବରେ ପରିଚିତ ହେଲେ । ଶିବ ପାର୍ବତୀଙ୍କ ଆଶୀର୍ବାଦରେ ଜନ୍ମ ହୋଇଥିବାରୁ ତାଙ୍କର ନାମ ଗୌରିଶଙ୍କର ରଖାଯାଇଥିଲା । ପିଲାଦିନେ ଗୌରୀଶଙ୍କର ଗାଁ ଚାଟଶାଳିରେ ଓଡିଆ ଭାଷା ଶିକ୍ଷା ଆରମ୍ଭ କରିଥିଲେ, ପରେ ସେ ସରକାରୀ ଭାଷା ର୍ପାସୀକୁ ଗୁରୁ ମକ୍ତବର ଅଖୁନଜୀ ଠାରୁ ଶିକ୍ଷା କରିଥିଲେ । ରେଭେନ୍‌ସା କଲିଜିଏଟ୍ ବିଦ୍ୟାଳୟରୁ ଏଣ୍ଟ୍ରାସ ପରୀକ୍ଷାରେ କୃତିତ୍ୱ ପଦର୍ଶନ କରି ବୃତି ପାଇ ଉଚ୍ଚ ଶିକ୍ଷା ନିମନ୍ତେ କଟକରୁ ହୁଗୁଳି ଯାତ୍ରା କରିଥିଲେ । ବାପାଙ୍କ ଆଦେଶରେ ଗୌରୀ ଶଙ୍କର ହୁଗୁଳିରୁ କଟକ ଫେରି କକା ଭବାନୀ ପ୍ରସାଦଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ସ୍କୁଲରେ ତୃତୀୟ ଶିକ୍ଷକ ଭାବେ ମାସିକ ୨୦ ଟଙ୍କା ଦରମାରେ ନିଯୁକ୍ତ ହେଲେ । ସେହି ସମୟରେ ସେ ସ୍କୁଲରେ ରାଧାନାଥ ରାୟ ଓ ବୈକୁଣ୍ଠ ନାଥ ଦେ ପାଠ ପଢୁଥିଲେ । ୧୮୫୯ ମସିହାରେ କମିସନରଙ୍କ ଅଫର୍ଫିସରେ ଜଣେ ଅମଲା ଭାବେ ନିଯୁକ୍ତ ହେଲେ । କ୍ରମିଶନର ମିଜି.ଏଫ୍ କକବର୍ଣ୍ଣ ତାଙ୍କ କାର୍ଯ୍ୟ ଦକ୍ଷତାରେ ସନ୍ତୁଷ୍ଟ ହୋଇ ସ୍ଥାୟୀ କିରାଣି ପଦରେ ନିଯୁକ୍ତି କରିଥିଲେ । ଗୌରୀଶଙ୍କର ମନି ଅର୍ଡର ଏଜେଣ୍ଟଓ ଟ୍ରେଜେରୀ କିରାଣି ଷ୍ଟାଫ୍ ଭାବରେ କାମ କରୁଥିବା ସମୟରେ ଜଏଣ୍ଟ ମାଜିଷ୍ଟ୍ରଟ ଆମଷ୍ଟ୍ରଙ୍ଗ୍ ସାହେବଙ୍କ ମନିଅର୍ଡରକୁ ସମୟ ଗଡିଯାଇଥିବାରୁ ଫେରାଇ ଦେଇଥିଲେ । ଏହି କଥାରେ ଆମଷ୍ଟ୍ରଙ୍ଗ୍ ରାଗିଥିଲେ ମଧ୍ୟ ପରେ ଗୌରୀଶଙ୍କରଙ୍କର ମହାନତା ପାଖରେ ହାର ମାନି ଥିଲେ । ୧୨ ବର୍ଷ କିରାଣି ପଦବୀରେ କାର୍ଯ୍ୟ କରିବା ପରେ କଟକ ଅଦାଲତରେ ଟ୍ରାନ୍ସଲେଟର ପୋଷ୍ଟରେ ମି ମାକ୍ ଫରସନ୍ ମାସିକ ୧୦୦ଟଙ୍କା ଦରମାରେ ନିଯୁକ୍ତ ଦେଲେ । ଉକ୍ତ ଚାକିରିରେ ପ୍ରାୟ ୨୦ ବର୍ଷ ସେ କାମ କରିଥିଲେ । ଗୌରୀଶଙ୍କର ରଘୁନାଥପୁର ମାଣିକ ରାମ ମିତ୍ରଙ୍କ କନ୍ୟାଙ୍କୁ ବୈଦିକ ରିତିରେ ବିବାହ କରିଥିଲେ । ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ଥିଲେ, ମଧ ତାଙ୍କ ଔରଶରୁ ଜନ୍ମିତ ପୁଅମାନଙ୍କର ଅକାଳ ବିୟୋଗ ଘଟିଥିଲା କେବଳ ତିନୋଟି କନ୍ୟା ସନ୍ତାନ ଜୀବିତ ଥିଲେ । ୧୮୭୫ ମସିହାରେ ତାଙ୍କ ପତ୍ନିଙ୍କର ବିୟୋଗ ଘଟିଲା । ସେ ପୁନଃ ବିବାହ ନକରି ବ୍ରହ୍ମଚାରୀ ଜୀବନ ଅତିବାହିତ କଲେ । ନଅଙ୍କ ଦୁର୍ଭିକ୍ଷ ସମୟରେ ଗୌରୀଶଙ୍କର ଦେବଦୂତ ପରି ଓଡ଼ିଆ ମାନଙ୍କୁ ଜୀଇଁବାକୁ ରାହା ଦେଖାଇଥିବାରୁ ତାଙ୍କର ଲିଖିତ ଅଭୀଯୋଗ ମି.ଜର୍ଜ.କାଂପେଲ ଖଜଣା ଛାଡ଼ କରିବା ଓ ବନ୍ଦୋବସ୍ତର ମିଆଦ ୩୦ବର୍ଷକୁ ବଢାଇ ଦେଇଥିଲେ । ନଅଙ୍କ ଦୃଭିକ୍ଷର ଭୟା ଭୟତାର ଅନୁଭବ ଗୌରୀଶଙ୍କରଙ୍କୁ ବ୍ୟଥିତ କଲା । ଗୌରୀଶଙ୍କର, ବିଚିତ୍ରାନନ୍ଦ ଦାସ, ଜଗମୋହନ ରାୟ ୩ଜଣ ମିଳିତ ହୋଇ ୭୫୦୦ ଟଙ୍କାରେ କଟକ ପ୍ରିଣ୍ଟ ପ୍ରେସ୍ ପ୍ରତିଷ୍ଠା କରିଥିଲେ । ଏହା ପୂର୍ବରୁ ଖ୍ରୀଷ୍ଟଧର୍ମ



ସମ୍ପର୍କିତ ପୁସ୍ତକ ଛାପା ପାଇଁ ମିଶନ ପ୍ରେସ୍ ନାମକ ଏକ ପ୍ରେସ୍ ଓଡ଼ିଶାରେ ଥାଏ । କଟକ ପ୍ରିଣ୍ଟିଂ କମ୍ପାନୀର ଗୌରୀଶଙ୍କର ସେ ସେକ୍ରେଟେରି ଓ ପରିଚାଳକ ଥିଲେ । ଓଡ଼ିଆ ପିଢ଼ୀକୁ ପ୍ରଥମ ଥର ପାଇଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶ କଲା । ତା ପରେ ସିଦ୍ଧାନ୍ତ ଦର୍ପଣ । ଗୌରୀଶଙ୍କରଙ୍କ ପ୍ରଚେଷ୍ଟାରେ କଟକ ପ୍ରିଣ୍ଟିଂପ୍ରେସ୍ ସମଗ୍ର ଓଡ଼ିଶାର ସଂସ୍କୃତିକ, ସାହିତୀକ, କଳା, ଭାସ୍କର୍ଯ୍ୟ ଓ ରାଜନୈତିକ ଅଲୋଚନା ଓ କ୍ରିୟାକଳାପର କେନ୍ଦ୍ର ସ୍ଥଳି ପାଲଟିଗଲା । ୧୮୬୬ ମସିହା ଅଗଷ୍ଟ ମାସରୁ ଉତ୍କଳ ଦୀପିକା ପ୍ରକାଶ ପାଇଲା । 'ଉତ୍କଳ ଦୀପିକା' ଉତ୍କଳ ଭାଷାର ସୁରକ୍ଷା, ରାଜା ପ୍ରଜାଙ୍କର ମତ ଓ ସାମାଜିକ ସ୍ଥିତି ଉପରେ ଗୁରୁତ୍ୱ ଆରୋପ କରି ଉତ୍କଳର ମୁଖପତ୍ରରୂପେ ରାଜ ଦ୍ୱାରରେ ଗୃହୀତ ହେଉଥିଲା । ଦୀର୍ଘ ୫୦ବର୍ଷ ଧରି ଗୌରୀଶଙ୍କରଙ୍କର ଉତ୍କଳ ଦୀପିକାର ପ୍ରତିଷ୍ଠାତା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । 'ଦୀପିକାରେ' ଗଳ୍ପ, କବିତା, ପ୍ରବନ୍ଧ, ଇତିହାସ, ରାଜନୈତିକ କାର୍ଯ୍ୟ କଳାପ ଆଦି ବିଭିନ୍ନ ଦିଗ ଉପରେ ସାରଗର୍ଭକ ଆଲୋଚନା ମୂଳକ ଲେଖାମାନ ପ୍ରକାଶ ପାଉଥିଲା । ପଣ୍ଡିତ ଗୋବିନ୍ଦ ରଥ ଗୌରୀଶଙ୍କରଙ୍କ ସହାୟତା ରେ ଅନେକ ଲେଖକ ମାନଙ୍କୁ ନେଇ ପାଠ୍ୟ ପୁସ୍ତକ ରଚନା କରିଥିଲେ । 'ଓଡ଼ିଶା ଆସୋସିଏସନ୍' ବା ଉତ୍କଳ ସଭାର ଗୌରୀଶଙ୍କରଙ୍କର ଥିଲେ ସମ୍ପାଦକ । ଏହିସଭା ମାଧ୍ୟମରେ ଓଡ଼ିଶା ଓ କଟକର ହିତକଳ୍ପେ ବିଭିନ୍ନ ବିଷୟମାନ ଉପରେ ଧ୍ୟାନ ଦିଆଯାଉଥିଲା । ଗୌରୀଶଙ୍କର ୧୯୦୫ ମସିହାରେ ଏହି ସଭା କର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ । ଗୌରୀଶଙ୍କର ରାୟବାହାଦୁର , ଗୋକୁଳା ନନ୍ଦ ଚୌଧୁରି ଓ କେତେଜଣ ବିଶିଷ୍ଟ ବ୍ୟକ୍ତି ମିଶି 'ଓଡ଼ିଆ ଲୋକସଭା' ନାମକ ଏକ ନୂତନ ଦଳ ଗଠନ କରିଥିଲେ । ଜାତୀୟ ମହାସଭା ବା କଂଗ୍ରେସ ସହିତ ଉତ୍କଳର ସମ୍ବନ୍ଧ ଦୃଢ ରଖିବା ପାଇଁ ସେ ପ୍ରତି ବର୍ଷ ଉକ୍ତ ମହାସଭାକୁ ଉତ୍କଳ ସଭାରୁ ପ୍ରତିନିଧି ପ୍ରେରଣାର ପକ୍ଷପାତି ଥିଲେ । ସେ ଜାତୀୟ ମହାସଭାରେ ଯୋଗଦାନକୁ ମହାନ ପୂଣ୍ୟ କାର୍ଯ୍ୟ ମନେ କରୁଥିଲେ । ୧୯୧୫ ମସିହାରେ ସୁଦୂର କରାଚି ଅଧିବେଶନକୁ ଯାତ୍ରା କରିଥିଲେ ଜରାଜୀର୍ଣ୍ଣ ଦେହରେ । ସଙ୍ଗୀତ ଓ ଲୋକ ସାହିତ୍ୟକୁ ଦୀର୍ଘ ସ୍ଥାୟୀ କରିବା ପାଇଁ ଗୌରୀଶଙ୍କର ଧନ ମନ ନିୟୋଜିତ କରିଥିଲେ । ସେ ପ୍ରାଚୀନ କାବ୍ୟ ଓ ସୁନ୍ଦର ଛାନ୍ଦ ମାନ ରଚନା କରି ସୁମଧୁର କଣ୍ଠରେ ବୋଲିପାରୁଥିଲେ । ସେ ପ୍ରତି ସପ୍ତାହର ମଙ୍ଗଳ ବାର ଓ ଶନିବାରରେ ପ୍ରିଣ୍ଟିଙ୍ଗ୍ କମ୍ପାନୀର ଦ୍ୱିତଳ ଗୃହରେ ପାଲା ଗାୟକ,ସଙ୍ଗୀତଜ୍ଞ,ବାଦକ ଓ ମିତ୍ର ମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟ କରୁଥିଲେ । ଆମନ୍ତ୍ରତ ବନ୍ଧୁମାନଙ୍କୁ ସେ ସମ୍ମାନର ସହିତ ଉପାଦେୟ ଭୋଜ୍ୟାଦି ପୂର୍ବକ ଉତରୀୟ ପ୍ରଦାନ କରୁଥିଲେ । ଏହି ସଭାରେ ଆସୁ କବି ମାନଙ୍କୁ ଉଚ୍ଚ ପ୍ରଶଂସା କରୁଥଲେ । ସଙ୍ଗୀତ ଶିକ୍ଷା ଓ ଶ୍ରବଣ ଦ୍ୱାରା ଆତ୍ମା ପରମ ସୁଖ ଓ ଶାନ୍ତି ପ୍ରାପ୍ତ ହେବ ବୋଲି ତାଙ୍କର ଦୃଢ ବିଶ୍ୱାସ ଥିଲା । ନାରୀ ସୃଷ୍ଟି କର୍ତ୍ତା ଓ ସନ୍ତାନର ପ୍ରଥମ ଗୁରୁ । ତେଣୁ ଗୌରୀଶଙ୍କର ନାରୀ ଶିକ୍ଷାକୁ ଗୁରୁତ୍ୱ ଦେବାପାଇଁ ୧୮୬୮ ମସିହାରେ ଏକ ଚାଳ ଘରେ ଛଅ ସାତ ଜଣ ବାଳିକାଙ୍କୁ ନେଇ, କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପିତ କରିଥିଲେ । ପରିବର୍ତୀ ମୂହୁର୍ତରେ ତାହା ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟରେ ନାମିତ ହେଲା । କୁମାରୀ ସରଳା ଦେବୀ ଝିଅ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ପରିବର୍ତନର ପରାମର୍ଶ ଗୌରୀଶଙ୍କରଙ୍କୁ ଦେଇଥିଲେ । ସେହି ନିୟମ ଅନୁସାରେ ପ୍ରଥମ ବର୍ଷ ଅକ୍ଷର, ଦ୍ୱିତୀୟ ବର୍ଷ ଅଙ୍କ, ସଂଗୀତ ଓ କ୍ରୀଡ଼ା ଶିକ୍ଷା ଦିଆଯିବ । ତୃତୀୟ ବର୍ଷ ଘରକରଣାର ହିସାବ ପତ୍ର, ହିନ୍ଦୀ କହିବା ଓ ବୁଝିବା, ସିଲାଇ ଆଦି ଶିକ୍ଷା ଦିଆଗଲା । ଚତୁର୍ଥ ବର୍ଷରେ ବ୍ୟାକରଣ , ଭୂଗୋଳ, ହିନ୍ଦୀ ପାଠ,ଚିତ୍ର, ନକ୍ସା, ରନ୍ଧନ, ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଗଲା । ପଂଚମ ବର୍ଷରେ ଇଂରେଜୀ ସଂଯୋଜନା ଉପରେ ନକ୍ସା ଦିଆଗଲା । ଷଷ୍ଠ ବର୍ଷରେ ସଂସ୍କୃତ ଜ୍ଞାନରେ ତାଲିମ ଦିଆଗଲା । ସପ୍ତମ ବର୍ଷରେ ମୌଳିକ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଗଲା । ଗୌରୀଶଙ୍କର ପୌରାଣିକ ଉପାଖ୍ୟାନ, ଐତିହାସିକ ବୀତତ୍ୱ, ସାମାଜିକ ମୂଲ୍ୟବୋଧକୁ ନେଇ ସେ ପାଠ୍ୟକ୍ରମ ମାଧ୍ୟମରେ ନାରୀମାନଙ୍କୁ ଶିକ୍ଷା ଦେବା ପାଇଁ ପ୍ରଚେଷ୍ଟା କରିଥିଲେ । ୧୮୭୦ ମସିହାରେ ଗୌରୀଶଙ୍କର ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ସେ କଟକ ବ୍ରହ୍ମ ମନ୍ଦିରର ଅନ୍ୟତମ ଟ୍ରଷ୍ଟି ଥାଇ ଏହାର ରକ୍ଷା ଓ ଉନ୍ନତି ପାଇଁ ଚିନ୍ତା ଓ ଯତ୍ନ କରୁଥିଲେ । ବସ୍ତୁତଃ ଗୌରୀଶଙ୍କର ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ସନାତନ ଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ । ଜନସାଧାରଙ୍କ ଉପକାର ସକାଶେ ସେ କଟକରେ ଟାଉନ ହଲ୍ ନିର୍ମାଣ କରିଥିଲେ । ୧୯୦୫ ମସିହାରେ କାୟସ୍ଥମାନଙ୍କ କ୍ଷତ୍ରିୟତ୍ୱ ପ୍ରତିପାଦନ ନିମନ୍ତେ ବଙ୍ଗ ଦେଶରେ ଆନ୍ଦୋଳନ ଆରମ୍ଭ ହେଲା । ସେ ସମୟରେ ଗୌରୀଶଙ୍କର କଟକରେ କାୟସ୍ଥ ସଭାର ସଭାପତି ଥିଲେ । କାୟସ୍ଥ ମାନେ ଗୌରୀଶଙ୍କରଙ୍କ ନେତୃତ୍ୱରେ ଉପବୀତ ଧାରଣ କଲେ । ସେଥିପାଇଁ କାୟସ୍ଥ ସମାଜ ତାଙ୍କୁ ସମାଜଚ୍ୟୁତ କରିଥିଲା । ଏକ ବର୍ଷ ପରେ କାୟସ୍ଥ ସଭା ପୁଣି ସ୍ୱେଚ୍ଛାକ୍ରମେ ସାଧାରଣସଭା ଆହ୍ୱାନ କରି ଗୌରୀଶଙ୍କରଙ୍କୁ ଆପ୍ୟାୟିତ କରିଥିଲେ ଓ ସମାଜଚ୍ୟୁତ ରଦ୍ଦ କରିଥିଲେ । ଗୌରୀଶଙ୍କରଙ୍କ ନାତୁଣୀ ଶ୍ରୀମତୀ ଶୈଳକାଳା ଅଳ୍ପ ବୟସରେ ବିଧବାହୋଇଥିଲେ । ଗୌରୀଶଙ୍କର ଶୈଳବାଳାକୁ ସ୍ୱଗୃହକୁ ଆଣି ବାଳିକା ବିଦ୍ୟାଳୟରେ ତାହାର ପଢାପଢିର ବ୍ୟବସ୍ଥା କରିଥିଲେ । ଗୌରୀଶଙ୍କରଙ୍କୁ ସାମାଜିକ ନିର୍ଯାତନାର ଭୟ ଦେଖାଇ ଉକ୍ତ କାର୍ଯ୍ୟରୁ ବିରତ ପାଇଁ କାୟସ୍ଥମାନେ ଚେଷ୍ଟା କରିଥିଲେ । ଗୌରୀଶଙ୍କର ତାଙ୍କ ନୀତିରେ ଅଟଳ ରହିଥିଲେ । ୧୯୧୬ ମସିହାରେ ଗୌରୀଶଙ୍କର ରାୟ ବାହାଦୁର ଉପାଧି ପାଇଥିଲେ । ୧୯୧୭ ମସିହା ମାର୍ଚ୍ଚ ମାସ ୫ ତାରିଖ ପ୍ରେସ୍ ଘରେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଲେ, ମାର୍ଚ୍ଚ ୭ ତାରିଖ ରାତ୍ର ୯.୩୦ ମିନିଟ୍ ରେ ଓଡ଼ିଆ ଜାତିର କର୍ମ ପୁରୁଷ, ଓଡ଼ିଆ ଭାଷାର ପ୍ରାଣ କେନ୍ଦ୍ର, ବାଗ୍ମୀ ପୁରୁଷ ସବୁଦିନ ପାଇଁ ଆଖି ବୁଜି ଦେଲେ । ଗୌରୀଶଙ୍କରଙ୍କ ଅମ୍ଳାନ ପ୍ରତିଭା ତଥା କୀର୍ତ୍ତି ତାକୁ ଚିର ଅମର କରି ରଖିବ । ଏ ଜାତି ଏ ଭାଷା ବଂଚିଥିବା ପର୍ଯ୍ୟନ୍ତ ତାଙ୍କର ଗୁଣଗାନ ଜୟ ଜୟକାର କରୁଥିବ ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର,ମୋ- ୯୯୩୭୬୯୧୪୭୫*

# ତ୍ୟାଗର ବ୍ରତ ଚର୍ତୁମାସ୍ୟା

◆ ବିପିନ ବିହାରୀ ରାଉତ



ବେଦ, ପୁରାଣ ତଥା ଅନ୍ୟ ଧର୍ମଗ୍ରନ୍ଥଗୁଡ଼ିକରେ ଚତୁର୍ମାସ୍ୟା ମହିମା ଗାନ କରାଯାଇଛି । ଯେଉଁଥିରେ ଏହି ପବିତ୍ର ବ୍ରତର ମହତ୍ୱ ପ୍ରତିପାଦିତ ହୋଇଛି । ସ୍କନ୍ଦ ପୁରାଣରେ କୁହାଯାଇଛି ସତ୍‌କର୍ମ, ସତ୍‌କଥା, ସତ୍ ପୁରୁଷ ତଥା ସନ୍ଥମାନଙ୍କର ସେବା, ବିଷ୍ଣୁପୂଜା ଓ ଦାନ ଏହିସବୁ ମାସରେ କରିବା ଉଚିତ । ବର୍ଷାକାଳର ଚାରିମାସ ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଓ କାର୍ତ୍ତିକ ମାସରେ ଚତୁର୍ମାସ୍ୟା ବ୍ରତ (ଉପବାସ) ପାଳନ କରାଯାଏ । ଆଷାଢ଼ ଶୁକ୍ଳ ଏକାଦଶୀ, ଦ୍ୱାଦଶୀ ଅଥବା ପୂର୍ଣ୍ଣିମାରେ ଏହି ଉପବାସ ଆରମ୍ଭ କରାଯାଏ । ଯେତେବେଳେ ସୂର୍ଯ୍ୟ କର୍କଟ ରାଶିରେ ପ୍ରବେଶ କରନ୍ତି ସେହି ସମୟରେ ଏହି ବ୍ରତ ଆରମ୍ଭ କରିବାରେ ବହୁ ଉପକାର ମିଳେ ବୋଲି ସାଧୁସନ୍ଥମାନେ ପ୍ରକାଶ କରନ୍ତି । ଗୁରୁ ଓ ଶୁକ୍ର ଅସ୍ତ ହେଲା ପରେ ମଧ୍ୟ ଏହାର ପ୍ରାରମ୍ଭ କଥା କୁହାଯାଇଛି । କିନ୍ତୁ ଏହି ଉପବାସର ସମାପନ କାର୍ତ୍ତିକ ମାସ ଦ୍ୱାଦଶୀରେ ନିଶ୍ଚିତ ଭାବରେ ହୋଇଥାଏ । ପ୍ରାଚୀନ କାଳରେ ବର୍ଷା କାରଣରୁ ବହୁ ଅସୁବିଧା ହେଉଥିଲା । ସବୁ କାର୍ଯ୍ୟବି ବାଧାପ୍ରାପ୍ତ ହେଉ ଥିଲା । ଏହି ମାସମାନଙ୍କରେ ସାଧୁସନ୍ଥମାନେ ନିଜର ଭ୍ରମଣ ଶେଷ କରି ଗୋଟିଏ ସ୍ଥାନରେ ହିଁ ଅଟକି ଯାଉଥିଲେ । ସେହି ସ୍ଥାନରେ ଲୋକଙ୍କୁ ଜ୍ଞାନ ବିତରଣ କରୁଥିଲେ । ସେହି ସମୟରୁ ବର୍ଷ ଚାରିମାସକୁ ଗୁରୁତ୍ୱ ଦିଆଯାଇ ଚତୁର୍ମାସ୍ୟା ପାଳନର ବିଧି ରହିଆସିଛି । ଚତୁର୍ମାସ୍ୟା ମହାତ୍ମ୍ୟ ଅନେକ । ଶାସ୍ତ୍ରରେ ବର୍ଣ୍ଣନା ଅଛି ଯେ ସୃଷ୍ଟିକର୍ତ୍ତା ବ୍ରହ୍ମା ନାରଦଙ୍କୁ ଏହି ବ୍ରତ ସଂପର୍କରେ ବୁଝାଇଛନ୍ତି । ବ୍ରହ୍ମା ନାରଦଙ୍କୁ କହିଛନ୍ତି - ଚତୁର୍ମାସ୍ୟାରେ ଭଗବାନ ହରି ଶୟନ କରନ୍ତି । ଏହି ସମୟରେ ତାଙ୍କ ତେଜ ଜଳରେ ବ୍ୟାପ୍ତ ହୋଇଯାଇଏ । ଏଣୁ ଚତୁର୍ମାସ୍ୟାରେ ଜଳରେ ସ୍ନାନ କଲେ ସବୁ ତୀର୍ଥଠାରୁ ଅଧିକ ଫଳ ମିଳେ । ଯଦି ତୀର୍ଥସ୍ଥା ମାନଙ୍କରେ ଜଳରେ ସ୍ନାନ କରାଯାଏ ତେବେ ଆହୁରି ଭଲ । ଚତୁର୍ମାସ୍ୟାର ତ୍ୟାଗରେ ଅନେକ ମହତ୍ୱ ଅଛି । ତ୍ୟାଗ ବିଷୟରେ ଗ୍ରନ୍ଥମାନଙ୍କରେ ବି ଅନେକ କଥା ଉଲ୍ଲେଖ ଅଛି । ଚତୁର୍ମାସ୍ୟାରେ ତୈଳତ୍ୟାଗ କଲେ ଅଙ୍ଗ ସୁନ୍ଦର ହୁଏ, ଘିଅ ତ୍ୟାଗ କଲେ ସୌନ୍ଦର୍ଯ୍ୟ ପ୍ରାପ୍ତି ହୁଏ, ଶାକ ତ୍ୟାଗ କଲେ ଶ୍ରୀବୃଦ୍ଧି ସହିତ ଯୋଗ୍ୟ ସନ୍ତାନ ପ୍ରାପ୍ତି ହୁଏ । ଧାତୁର ବାସନ ତ୍ୟାଗ କରି ପଳାଶ, ମନ୍ଦାର ବା ବଟ ବୃକ୍ଷର ପତ୍ରରେ ଭୋଜନ କଲେ ବ୍ରହ୍ମଭାବ ମିଳେ । ରେଶମୀ ବସ୍ତ୍ର ତ୍ୟାଗକଲେ ସୁଖ ମିଳେ । ଚାରି ମାସରେ ପରନିନ୍ଦା, ଅସତ୍ୟଭାଷଣ, ଶୟନ ସର୍ବଦା ତ୍ୟାଗ କରିବା ଉଚିତ୍ । ଚାରିମାସ ମଧ୍ୟରେ ଅନ୍ନଦାନ ରତ୍ନ ଆଭୂଷଣ, ବସ୍ତ୍ର, ରୂପା, ସୁନାଦାନ ଠାରୁ ମଧ୍ୟ ଅଧିକ ମହତ୍ୱପୂର୍ଣ୍ଣ ।

*ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩*

# କର୍ମବୀର ଗୌରୀଶଙ୍କର

◆ ବାଦଲ ଭୂୟାଁ

ଉତ୍କଳ ଦୀପିକାକୁ ଓଡ଼ିଶାର ପ୍ରଥମ ଭାରତୀୟ ସମ୍ବାଦପତ୍ର କୁହାଯାଏ । ଏହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ । ପ୍ରାୟ ପଚାଶ ବର୍ଷ ନିରବଚ୍ଛିନ୍ନ ଭାବେ ସେ ଏହା ମାଧ୍ୟମରେ ଓଡ଼ିଶା, ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟ ତଥା ସାମ୍ବାଦିକତାର ସେବା କରି କାଳ କାଳକୁ ଅମର ହୋଇଛନ୍ତି । ବିଦ୍ୟାଳୟ ଶିକ୍ଷକ ଭାବେ ବାଲେଶ୍ୱରରେ ଗୌରୀଶଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ । କିଛି କାଳ ପରେ ଚାକିରି ଛାଡ଼ି କଟକ ଆସି କମିସନର କାର୍ଯ୍ୟାଳୟରେ କିରଣି ପଦରେ ଯୋଗଦେଇଥିଲେ । ସେ ଥିଲେ ଅତିମାତ୍ରାରେ ସ୍ୱାଧୀନମନା । ଚାକିରି କରୁଥିବା ବେଳେ ମଧ୍ୟ ଅବସର ସମୟରେ ଦେଶ ସେବା, ସମାଜ-ସଂସ୍କାର ଆଦିରେ ବ୍ରତୀ ହୋଇଥିଲେ । ସେ ଥିଲେ କଳା-ରସିକ, ସଂଗୀତ-ପ୍ରିୟ, ଯାତ୍ରା-ନାଟକ-ପ୍ରିୟ । ତାଙ୍କ ଉଦ୍ୟମରେ ମୁଣ୍ଡ ଟେକିଥିଲା ଓଡ଼ିଶା ସଭା, ଉତ୍କଳ ସାହିତ୍ୟ ସମାଜ, କାୟସ୍ଥ ଛାତ୍ରାବାସ, କଟକ ଟାଉନ ହଲ ଭଳି ଅନୁଷ୍ଠାନ । ନିଜ ସମୟର ଜନଜୀବନ ସହ ସେ ଓତପ୍ରୋତ ଭାବେ ଜଡ଼ିତ ଥିଲେ । ବ୍ୟକ୍ତିଗତ ଜୀବନରେ ଗୌରୀଶଙ୍କର ଥିଲେ ଉଦାରବାଦୀ । ଜୀବନର ମଧ୍ୟାହ୍ନରେ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ । ତାଙ୍କର ଦେହର ରଙ୍ଗ ଥିଲା ତୋଫା ଗୋରା । ମୋଟା ନିଶ ରଖୁଥିଲେ । ଦୈନିକ ଦଣ୍ଡ ବଇଠକ, କୁସ୍ତି କସରତ କରୁଥିଲେ, କାଠଯୋଡ଼ି ନଦୀରେ ସନ୍ତରଣ କରୁଥିଲେ । କାନ୍ଧରେ ସର୍ବଦା ପଡୁଥିଲା ଉତରୀୟ । ଶୃଙ୍ଖଳା ଓ ନିୟମାନୁବର୍ତିତା ଥିଲା ତାଙ୍କର ଅନ୍ୟ ବିଶେଷ ଗୁଣ । ତାଙ୍କ ସଂପର୍କରେ ଭକ୍ତକବି ମଧୁସୂଦନ ଲେଖିଥିଲେ ଶ୍ରୀ ବିଚିତ୍ରାନନ୍ଦ ଶ୍ରୀ ଜଗମୋହନ ନାମ ସଙ୍ଗେ ତବ ନାମ ଯୁକ୍ତ ହେ ସୁଜନ, ମଣିକାଂଚନର ଯୋଗେ ରହିବ ଉତ୍କଳେ ଯଶଃର ମନ୍ଦିର ମଧ୍ୟେ ପୁଣ୍ୟ ଭାଗ୍ୟ ବଳେ, ନବଯୁଗ ଉଷା ପ୍ରଭା ଦୀପିକା ପ୍ରକାଶି ଧନ୍ୟ ତୁମ୍ଭେ ଏ ଉତ୍କଳେ ସ୍ୱୀକୃତ ବିଳାସୀ । ଅସୁରେଶ୍ୱର ନିକଟସ୍ଥ ଦୀକ୍ଷିତପଡ଼ାରେ ୧୮୩୮ ଜୁଲାଇ ଆଜିର ଦିନରେ ଜନ୍ମ ହୋଇଥିଲେ ଗୌରୀଶଙ୍କର ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ଭୈରବ ଚନ୍ଦ୍ର ମହାନ୍ତି

◆ ଗୋପୀନାଥ ଦାଶ



ଭୈରବ ଚନ୍ଦ୍ର ମହାନ୍ତିଙ୍କୁ ଓଡ଼ିଶାର କ୍ରୀଡ଼ା ଜଗତର ଧର୍ମପିତା କୁହାଯାଏ । ଆମ ରାଜ୍ୟର ଖେଳ ଦୁନିଆରେ ତାଙ୍କୁ ଜଣେ ବ୍ୟକ୍ତି ନୁହେଁ, ଅନୁଷ୍ଠାନ ରୂପେ ବିଚାର କରାଯାଏ । ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ସେ ଆନ୍ତରିକ ଭାବେ ଉଦ୍ୟମ କରିଥିଲେ । ତାଙ୍କର ସାଙ୍ଗଠନିକ ଦକ୍ଷତା ବଳରେ କ୍ରୀଡ଼ାର ଉନ୍ନତି ଓ ଅଗ୍ରଗତି ହୋଇଥିଲା । ୧୯୪୯ ମସିହାରେ ଭବାନୀପୁର କ୍ଲବ ଓ କଟକ ଏକାଦଶ ମଧ୍ୟରେ କଟକ କିଲ୍ଲା ପଡିଆରେ ତାଟି ଘେରା ମଧ୍ୟରେ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଦର୍ଶକ ଛିଡ଼ା ହୋଇ ବଡ଼ କଷ୍ଟରେ ଖେଳ ଦେଖୁଥିଲେ । ମୁଖ୍ୟ ଅତିଥି ଥିଲେ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ । ଦର୍ଶକଙ୍କ ଦୁର୍ଦ୍ଦଶା ଦେଖି ଷ୍ଟାଡିୟମ ନିର୍ମାଣ ପାଇଁ ସେହି ଦିନ ହିଁ ଘୋଷଣା କରିଥିଲେ । ଆଉ ଭୈରବଙ୍କ ହାତରେ ପଡ଼ିଥିଲା ଭିତିଭୂମି ବିକାଶର ଦାୟିତ୍ୱ । ପର ବର୍ଷ ହିଁ ଭିତି ପଡ଼ିଥିଲା । ଷ୍ଟାଡିୟମକୁ ବାରବାଟୀ ନାମ ଦେଇଥିଲେ ସ୍ୱୟଂ ଭୈରବ । ସେ ଶୈଶବରୁ ଥିଲେ କ୍ରୀଡ଼ାପ୍ରିୟ । ଫୁଟବଲ, କ୍ରିକେଟ, ହକି ଆଦି ଖେଳରେ ତାଙ୍କର ଦକ୍ଷତା ଥିଲା । ପକେଟରେ ସବୁ ବେଳେ କ୍ରିକେଟ ବଲଟିଏ ରଖୁଥିଲେ । ସର୍ବଦା ଖେଳୁଆଡ଼ ମନୋବୃତି ରଖି ଖେଳୁଥିଲେ । ତାଙ୍କ ଜୀବନ ଦର୍ଶନ ଥିଲା ଶରୀର ସୁସ୍ଥ ରହିଲେ ମନ ସୁସ୍ଥ ରହିବ । ସୁସ୍ଥ ମନରେ ହିଁ ଦେଶକୁ ସୁସ୍ଥ ସବଳ ନାଗରିକ ଦେଇପାରିବ । ଆଉ ଖେଳ ଶରୀରକୁ ସୁସ୍ଥ ରଖିବାର ଏକ ମାଧ୍ୟମ । ତାଙ୍କର ଏହି ଦୃଷ୍ଟିଭଙ୍ଗୀ ଓଡ଼ିଆଙ୍କୁ ଖେଳିବା ପାଇଁ ପ୍ରୋତ୍ସାହିତ କରିଥିଲା । କିରାଣି ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ଭୈରବ ପରେ ଇସ୍ତଫା ଦେଇ ସ୍ୱାଧୀନତା ସଂଗ୍ରାମ ଲଢ଼ିଥିଲେ । ଏକାଧିକ ବାର ବିଧାନ ସଭାକୁ ନିର୍ବାଚିତ ହୋଇ ମନ୍ତ୍ରୀ ହୋଇଥିଲେ । ସେ ପ୍ରଜାତନ୍ତ୍ର ତଥା ଇଷ୍ଟର୍ନ ଟାଇମସ୍‌ର ପ୍ରଥମ ସଂପାଦକ । ୧୯୧୩ ଜୁଲାଇ ଆଜିର ଦିନରେ ଏହି ମହାନ ଓଡ଼ିଆ ଜନ୍ମ ହୋଇଥିଲେ ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଦୂରଭାଷ : ୮୮୯୫୨୯୬୧୬୭*


# ଚର୍ତୁମାସ ବ୍ରତ

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା



କେବଳ ଓଡ଼ିଆ ଜନଜୀବନ ନୁହେଁ ଆଧାତ୍ମିକ ଦୈନନ୍ଦିନୀ ଭିତରେ ସମସ୍ତେ ଜାଣନ୍ତି ଯେ ଆଷାଢ଼ ଏକାଦଶୀ ପରଠାରୁ ଚର୍ତୁମାସ ଆରମ୍ଭ ହୋଇଥାଏ । ଯାହାର ଅର୍ଥ ହେଉଛି ଏହା ପରବର୍ତୀ ଚାରିମାସ ଅର୍ଥାତ୍ କାର୍ତିକ ଏକାଦଶୀ ପର୍ଯ୍ୟନ୍ତ ଆମ ଜନ ଜୀବନରେ କୌଣସି ଶୁଭ କାର୍ଯ୍ୟ ବୁଝାଯାଉଥିବା ବ୍ରତୋପନୟନ ହେଉ ବା ବିବାହ ଶୁଭମାଙ୍ଗଳିକ ବା କୌଣସି ପୂଜା ପ୍ରତିଷ୍ଠାନର କର୍ମ ଏହି ସମୟରେ ଅନୁଷ୍ଠିତ ହୋଇ ନଥାଏ । ଜପ, ଧ୍ୟାନ, ପାରାୟଣ, ତପ ସାଧନା ଓ ଆଧ୍ୟାତ୍ମିକ ମୁହୂର୍ତ ଏହି ସମସ୍ତର ଫଳ ବିଶେଷ ଲାଭଦାୟକ ଏହି ବ୍ରତ ସମୟରେ ହୋଇ ଥାଏ ବୋଲି ବିଶ୍ୱାସ ରହିଛି । ଏହି ଚର୍ତୁମାସ ବ୍ରତ ସମୟରେ ସାଧକ ଓ ମୁନିରଷିମାନେ ନିକାନ୍ତ ସ୍ଥାନକୁ ଯାଇ ଆଧ୍ୟାତ୍ମିକ ସାଧନରେ ସମୟ ଅତିବାହିତ କରିଥାନ୍ତି । ଚାରିମାସ କୁହାଯାଉଥିବା ଚାରି ପ୍ରମୁଖ ଏକାଦଶୀ ହେଉଛି ଆଷାଢ଼ ଏକାଦଦଶୀ, ଶ୍ରାବଣ ଏକାଦଶୀ, ଭାଦ୍ରବ ଏକାଦଶୀ, ଆଶ୍ୱିନ ଏକାଦଶୀ ଓ କାର୍ତିକ ଏକାଦଶୀ । କିନ୍ତୁ ବାସ୍ତବରେ ଏହା ପାଂଚଟି ମାସକୁ ନେଇ ଗଠନ ହୋଇଛି । ଭାରତପରି ଏକ କୃଷି ପ୍ରଧାନ ଦେଶରେ ଜନ ଜୀବିକା ଫସଲ ଉତ୍ପାଦନ ଉପରେ ନିର୍ଭର କରିବା ସହ ବର୍ଷା ହିଁ ଏହି ଖାଦ୍ୟ ଉତ୍ପାଦନର ମୁଖ୍ୟ ମାଧ୍ୟମ ତେଣୁ ମୌସୁମୀ ଋତୁର ଏହି ଗୁରୁତ୍ୱପୂର୍ଣ୍ଣ ଦିନ ଗୁଡ଼ିକର ଗୁରୁତ୍ୱ ରହିଥାଏ । ଆଷାଢ଼ ଏକାଦଶୀରେ ଚର୍ତୁମାସ ଆରମ୍ଭ ହୋଇ କାର୍ତିକ ଏକାଦଶୀରେ ଶେଷ ହୋଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ହେଉଛି ଏହି ଚାରି ମାସ ଭିତରେ ଆମ୍ଭେମାନେ ଅନେକ ପର୍ବ ଓ ପାର୍ବଣକୁ ଆଧାତ୍ମିକ ମହୋତ୍ସବ ଭିତରେ ଅତିବାହିତ କରିଥାଉ । ଧାର୍ମିକ ଗୁରୁତ୍ୱ ହେଉ ବା ସାମାଜିକ ଦୃଷ୍ଟିକୋଣ ଯାହାବି ହେଲେ ଏହି ପର୍ବର ଗୁରୁତ୍ୱ ରହିଥାଏ । ମହାପ୍ରଭୁଙ୍କ ସୁନାବେଶ ପରେ ଚର୍ତୁମାସର ପ୍ରାଥମିକ ମହୋତ୍ସବରେ ଗୁରୁ ପୂର୍ଣ୍ଣିମାର ଅବସର ଆସିଥାଏ । ପରବର୍ତୀ ଶ୍ରାବଣ ମାସରେ ମହାପ୍ରଭୁ ଶ୍ରୀ ଶଙ୍କରଙ୍କୁ ପୂଜା କରିବା ସହ ଶ୍ରାବଣ ପୂର୍ଣ୍ଣିମାକୁ ଝୁଲଣ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଭାବେ ପରମପ୍ରେମମୟ ଶ୍ରୀକୃଷ୍ଣଙ୍କ କୃପାଳୁଙ୍କ ପାଇଁ ଏହା ଏକ ପବିତ୍ର ଦିବସ ପାଲଟିଥାଏ । ନାଗ ପଂଚମୀ, ଗୋକୁଳାଷ୍ଟମୀ ଓ ରାଧାଷ୍ଟମୀ ଶ୍ରାବଣ ମାସରେ ପଡ଼ିଥାଏ । ଶ୍ରାବଣ ଶୁକ୍ଳ ପଂଚମୀରେ ନାଗପଂଚମୀର ଅବସର ଆସିଥାଏ । ଶ୍ରାବଣର ପରବର୍ତୀ ସମୟରେ ଭାଦ୍ରବ ମାସରେ ଉତ୍ସବମୁଖର ଏହି ମାସରେ ପ୍ରଥମ ଆରାଧ୍ୟ ମହାପ୍ରଭୁ ଗଣପତି ବିଘ୍ନରାଜ ଅଗ୍ରପୂଜ୍ୟ ଭାବେ ମହୋତ୍ସବରେ ଆସିଥାନ୍ତି ଏହି ଧରାଧାମକୁ । ଏଠାରେ ସୂଚାଇ ଦିଆଯାଇପାରେ ମହାରାଷ୍ଟ୍ରର ଏହି ଜାତୀୟ ପର୍ବ ୧୯୧୮ ମସିହାରେ ବାଲ ଗଙ୍ଗାଧର ତିଳକ ଏହାର ଅୟମାରମ୍ଭ କରିଥିଲେ । ଏହି ମାସର ଶେଷାର୍ଦ୍ଧରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଅର୍ପଣ ଦିବସ ପାଳିତ ହୋଇଥାଏ । ଏହା ସହିତ କୁମାରୀ ଝିଅଙ୍କ ଆନନ୍ଦର ମୁହୂର୍ତ ଖୁଦୁରୁକୁଣୀ ଓଷା ଓ ବୁଧେଇ ଓଷା ଏହି ସମୟରେ ଆସିଥାଏ । ଭାଦ୍ରବ ପୂର୍ଣ୍ଣିମାକୁ ଇନ୍ଦୁ ପୂର୍ଣ୍ଣିମା କୁହାଯାଇଥାଏ । ଭାଦ୍ରବର ପରବର୍ତୀ ମାସଟି ହେଉଛି ଆଶ୍ୱିନ । ନବରାତ୍ରର ମହୋତ୍ସବ ସମଗ୍ର ଭାରତ ବର୍ଷର ସବୁକ୍ଷେତ୍ରକୁ ଆନନ୍ଦ ଉତ୍ସାହିତ କରିଥାଏ । କେବଳ ଦୁର୍ଗାପୂଜା ନୁହେଁ ଲକ୍ଷ୍ମୀ ପୂଜା ସହିତ କୁମାର ପୂର୍ଣ୍ଣିମାରେ ଏହି ମାସ ଶେଷ ହୋଇଥାଏ । ଏହି ମାସର ପୂର୍ଣ୍ଣିମା କୁମାର ପୂର୍ଣ୍ଣିମା ଭାବେ ପରିଚିତ । ଆଶ୍ୱିନ ମାସର ପରବର୍ତୀ ମାସଟି ହେଉଛି ପୁଣ୍ୟ କାର୍ତିକ । ଯାହାର ପ୍ରଥମ ଅବସରରେ ଜ୍ଞାନ ଓ ପ୍ରଦୀପର ପ୍ରଜ୍ୱଳନ ମୁହୂର୍ତ ଦୀପାବଳୀ ର ମହୋତ୍ସବ ଆସିଥାଏ । ଏହି ଆଲୋକର ପର୍ବ ଭିତରେ ଅସତ୍ୟରୁ ସତ୍ୟକୁ ଯିବା, ମୃତ୍ୟୁରୁ ଅମୃତକୁ ଯିବା ଓ ଅନ୍ଧକାରରୁ ଆଲୋକକୁ ଯିବାର ଯେଉଁ ମହାପାର୍ବଣର ଦୀପାବଳୀ ରେ ପ୍ରତିଟି ଭାରତୀୟଙ୍କ ପାଇଁ ଏକ ସ୍ୱତନ୍ତ୍ର ଆନନ୍ଦର ମୁହୂର୍ତ ରଖିଥାଏ । ଏହା ସହିତ ଯେଉଁ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବାର ଅବସର ପଇଆଁ ଶ୍ରାଦ୍ଧ କୁହାଯାଏ ଏହା ବାସ୍ତବରେ ହେଉଛି ପଂଚମକାରର ପ୍ରତୀକ । ଯାହା ହେଉଛି ଲୋଭ, କ୍ରୋଧ, ବାସନା, ଅହଂକାର ଓ ଚପଳତା । କାର୍ତିକ ଶୁକ୍ଳ ପକ୍ଷ ଏକାଦଶୀ ହେଉଛି ବର୍ଷର ଚାରି ପବିତ୍ର ବଡ଼ ଏକାଦଶୀ ମଧ୍ୟରେ ହେଉଛି ଶେଷ ବଡ଼ ଏକାଦଶୀ । ମାଘ, ବୈଶାଖ ଓ ଆଷାଢ଼ ଶୁକ୍ଳ ଏକାଦଶୀ ହେଉଛି ଅନ୍ୟ ତିନୋଟି ବଡ଼ ଏକାଦଶୀ । କାର୍ତିକ ପୂର୍ଣ୍ଣିମାରେ ଚର୍ତୁମାସ ବ୍ରତ ଶେଷ ହୋଇଥାଏ । ଆ-କା-ମା-ଭୈ ର ପୁରୁଣା ନୌବାଣିଜ୍ୟ ଜନଜୀବନ ସଂସ୍କୃତି ଭିତରେ ଓଡ଼ିଶାରେ ଡଙ୍ଗା ଭସାର କାର୍ତିକ ପୂର୍ଣ୍ଣିମାରେ ପୁରୁଣା ମୁହୂର୍ତର ବଣିଜ କ୍ଷେତ୍ରର ସ୍ମୃତି ଚାରଣ ହୋଇଥାଏ । ଚର୍ତୁମାସ ବ୍ରତ ଚିନ୍ତନକୁ ଦେଖିଲେ ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଏହାର ଗୁରୁତ୍ୱକୁ ମାର୍ଗ ଦର୍ଶନ ଦେଇଛନ୍ତି । ପରମ ପ୍ରେମମୟ ବାବା ନିଜ ଭକ୍ତଜନଙ୍କ କଲ୍ୟାଣ ପାଇଁ ଦର୍ଶନ ଓ କୃପାର ଅବସର ଦେବା ସହ ଦଶହରା ହେଉ ବା ଦୀପାବଳୀ ତାଙ୍କ ସ୍ୱତନ୍ତ୍ର ସମ୍ଭାଷଣରେ କୃପା କଲ୍ୟାଣ କରିଥାନ୍ତି ଆମ ସମସ୍ତଙ୍କ ଜୀବନରେ ଆଧାତ୍ମିକ ଚୈତନ୍ୟ ଉଦୟ ପାଇଁ । ବର୍ଷାକାଳୀନ ଏହି ଚର୍ତୁମାସ ସବୁଧର୍ମ ସବୁ ସମ୍ପ୍ରଦାୟରେ ଗୁରୁତ୍ୱ ରଖିଥାଏ । ମହାବୀର ଜୈନ ହୁଅନ୍ତୁ ବା ଭଗବାନ ବୁଦ୍ଧ, ଶ୍ରୀରାମକୃଷ୍ଣ ପରମହଂସଙ୍କ ଠାରୁ ଶ୍ରୀମା, ଶ୍ରୀଅରବିନ୍ଦ । ସବୁଧର୍ମ ବାଦର ଅନୁଚିନ୍ତନରେ ଏହି ମାସର ଆଧାତ୍ମିକ ଗୁରୁତ୍ୱ ରହିଥାଏ । ଆଧାତ୍ମିକ ସାଧନ ସହ ସମାଜସେବାକୁ ଗୁରୁତ୍ୱ ରଖୁଥିବା ଏହି ଚର୍ତୁମାସ ବ୍ରତ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ସାଧନାର ମୁହୂର୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ : ୯୪୩୭୦୩୧୨୫୩*





# ରଥଯାତ୍ରାର ବିଭିନ୍ନ ନାମ

◆ ରଜତ କୁମାର ବୋଷ



**ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପୃଥିବୀ ପ୍ରସିଦ୍ଧ । ଦିନଥିଲା ଏହିଯାତ୍ରା କେବଳ ପୁରୀ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିଲା । ମାତ୍ର ବର୍ତମାନ ଏହା ସାରା ଭାରତରେ ଏପରିକି ଅନେକ ପାଶ୍ଚାତ୍ୟ ଦେଶରେ ମଧ ଉଦ୍ଦୀପନାର ସହିତ ପାଳିତ ହେଉଛି । ଜଗନ୍ନାଥ ସଂସ୍କୃତି ସମସ୍ତଙ୍କୁ ଆକୃଷ୍ଟ କରିପାରିଛି । ରଥଯାତ୍ରାର ଯେଉଁସବୁ ନାମ ଅତ୍ୟନ୍ତ ପ୍ରସିଦ୍ଧ ଓ ଶାସ୍ତ୍ର ସମ୍ମତ ସେଗୁଡ଼ିକ ହେଲା**

**ଶ୍ରୀଗୁଣ୍ଡିଚା ଯାତ୍ରା :** ଗୁଣ୍ଡର୍ବାଣ ରାଜ ତନୟା ଗୁଣ୍ଡିଚା ଦେବୀ ଥିଲେ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କର ସହଧର୍ମିଣୀ । ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥଙ୍କୁ ନୀଳାଦ୍ରିରେ ପ୍ରତିଷ୍ଠା କରିସାରିବା ପରେ ଗୁଣ୍ଡିଚା ଦେବୀ ରଥଯାତ୍ରାର ଆୟୋଜନ କରିଥିଲେ । ତେଣୁ ଗୁଣ୍ଡିଚା ଦେବୀଙ୍କୁ ଚିର ସ୍ମରଣୀୟ କରିବା ପାଇଁ ରଥଯାତ୍ରାକୁ ଗୁଣ୍ଡିଚା ଯାତ୍ରା ନାମ ପ୍ରଦାନ କରାଯାଇଛି ।

**ଦଶାବତାର ଯାତ୍ରା :** ଜଗନ୍ନାଥ ହେଉଛି ପରଂବ୍ରହ୍ମ ଓ ଷୋଳକଳା ଯୁକ୍ତ ପୁରୁଷୋତମ । ଅବତାରୀ ପୁରୁଷ ଭାବରେ ସେ




ବିଭିନ୍ନ ଅବତାରମାନ ସୃଷ୍ଟି କରନ୍ତି ଓ ସେମାନଙ୍କର ଲୀଳା ସମାପ୍ତି ପରେ ସେମାନଙ୍କୁ ନିଜ ଶ୍ରୀଅଙ୍ଗରେ ବିଲୀନ କରନ୍ତି । ରଥଯାତ୍ରା ସମୟରେ ସେ ଏକାଧାରାରେ ଦଶାବତାର ରୂପ ଧାରଣ କରନ୍ତି ବୋଲି ରଥଯାତ୍ରାକୁ ଦଶାବତାର ଯାତ୍ରା ନାମରେ ନାମିତ କରିବା ଶାସ୍ତ୍ର ସମ୍ମତ । ରଥଯାତ୍ରା ସମୟରେ କୁସୁମଲାଗି ବେଳେ ମୀନାକୃତି ମୀନାବତାର, ତୁଳୀଲାଗି ବେଳେ କୂର୍ମ ଅବତାର, ରଥାରୁଢ଼ ହେବାବେଳେ ବାମନ ଅବତାର, ସେନାପଟୀ ବାହୁଟି ଲଗାଇବା ବେଳେ ନରସିଂହ ଅବତାର, ଆଡ଼ପଡୋରି ଲାଗି ବେଳେ ପର୍ଶୁରାମ ଅବତାର, ଆଡ଼ପରୀକ୍ଷାରେ ରାଘବେନ୍ଦ୍ର ଅବତାର, ଆଡ଼ପରାସ ତଥା ହେରୋତ୍ସବରେ ବ୍ରଜେନ୍ଦ୍ର ନନ୍ଦନ ଅବତାର, ଅନ୍ତର୍ବେଦୀ ମହୋତ୍ସବ ବେଳେ ବୌଦ୍ଧ ଅବତାର ଧାରଣ କରି ଜନମତକୁ ହରଣ କରନ୍ତି । ଏହାଛଡ଼ା ରଥଯାତ୍ରା ସମୟରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ବାସୁଦେବ, ଜୟଦୁର୍ଗା, ଯୋଗମାୟା, ମଦନମୋହନ, ରାମ ଓ କୃଷ୍ଣ ଏହି ଦଶମୂର୍ତି ରଥରେ ଯାତ୍ରା କରିଥାନ୍ତି ବୋଲି ଏହାକୁ ଦଶାବତାର ଯାତ୍ରା ବୋଲି କୁହାଯାଇଥାଏ ।

**ପତିତପାବନ ମହୋତ୍ସବ :** ଜଗନ୍ନାଥଙ୍କର ଅନ୍ୟତମ ନାମ ପତିତପାବନ । ତାଙ୍କ ଆଗରେ ଦୀନ, ହୀନ, ଦୁଃଖୀ, ରଙ୍କ, ଧନୀ, ଦରିଦ୍ର, ଭକ୍ତ ଓ ପତିତ ସମସ୍ତେ ସମାନ । ସମାଜ ଆଖିରେ ଯେଉଁମାନେ ପତିତ ଏବଂ ଯେଉଁମାନଙ୍କର ମନ୍ଦିର ପ୍ରବେଶ କରିବାର ଅଧିକାର ନାହିଁ ସେମାନଙ୍କୁ ଦର୍ଶନ ଦେବାକୁ ଏବଂ କର ପ୍ରସାରଣ ପୂର୍ବକ ଆଲିଙ୍ଗନ କରିବାକୁ ପ୍ରତିବର୍ଷ ରଥଯାତ୍ରା ସମୟରେ ସେ ରତ୍ନ ସିଂହାସନରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି । ପତିତଜନଙ୍କୁ ଉଦ୍ଧାର କରିବା ଲାଗି ମହାପ୍ରଭୁ ଆସୁଥିବାରୁ ଏହାକୁ ପତିତପାବନ ମହୋତ୍ସବ ବୋଲି କୁହାଯାଇଥାଏ ।

**ଦକ୍ଷିଣାଭିମୁଖୀ ଯାତ୍ରା :** ବିଷ୍ଣୁ ପୂଜାରେ ପ୍ରତି ମାର୍ଜନା




ସର୍ବଦା ପୂର୍ବ ଓ ଉତର ଦିଗକୁ ହେବାର ବିଧି ସର୍ବଶାସ୍ତ୍ର ସମ୍ମତ । କେବଳ ନରସିଂହ ବିଗ୍ରହ ଦକ୍ଷିଣାଭିମୁଖୀ ହୋଇ ପୂଜିତ ହେବାର ବିଧି ପ୍ରଚଳିତ ଅଛି । ତେଣୁ ବାହୁଡ଼ା ଯାତ୍ରା ସମୟରେ ଜଗନ୍ନାଥ ବାହୁଡ଼ା ଦଶମୀ, ଏକାଦଶୀ ଓ ଦ୍ୱାଦଶୀ ଏହି ତିନି ଦିନ ଦକ୍ଷିଣାଭିମୁଖୀ ହୋଇ ରହୁଥିବାରୁ ତାଙ୍କୁ ନୃସିଂହ ତଥା ଯଜ୍ଞ ପୁରୁଷ ରୂପରେ ବନ୍ଦନା କରାଯାଏ । ତେଣୁ ରଥଯାତ୍ରାକୁ ଦକ୍ଷିଣାଭିମୁଖୀ ଯାତ୍ରା ନାମରେ ଅଭିହିତ କରାଯାଏ ।

**ଘୋଷ ଯାତ୍ରା :** ଘୋଷ ହେଉଛି ଏକ ମଙ୍ଗଳ ପ୍ରଦାୟକ ଶବ୍ଦ । ଜଗତର ମଙ୍ଗଳ ନିମନ୍ତେ ଯେଉଁ ଯାତ୍ରା ଅନୁଷ୍ଠିତ ହୁଏ ତାହାକୁ ଘୋଷଯାତ୍ରା ବୋଲି କୁହାଯାଏ ।

**ଅନ୍ତର୍ବେଦୀ ମହୋତ୍ସବ :** ଶ୍ରୀମନ୍ଦିରରେ ଥିବା ଯେଉଁ ରତ୍ନସିଂହାସନ ଉପରେ ଜଗନ୍ନାଥ ଅବସ୍ଥାନ କରନ୍ତି ତାହାକୁ ଅନ୍ତର୍ବେଦୀ କୁହାଯାଏଣ । ଏହା ସର୍ବସିଦ୍ଧ ଯେ ଜଗନ୍ନାଥ ବିଗ୍ରହଙ୍କ ଠାରୁ ଅର୍ନ୍ତବେଦୀ ହେଉଛି ଆହୁରି ପ୍ରାଚୀନ । ମହାପ୍ରଳୟରେ ମଧ ଅର୍ନ୍ତବେଦୀ ବିନିଷ୍ଟ ହୁଏନାହିଁ । ଅର୍ନ୍ତବେଦୀ ହେଉଛି ପୃଥିବୀର ପବିତ୍ରତମ ସ୍ଥାନ । ରଥଯାତ୍ରା ସମୟରେ ଜଗନ୍ନାଥ ଅର୍ନ୍ତବେଦୀ ପରିତ୍ୟାଗ କରି ଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି ଓ ରଥଯାତ୍ରା ପରେ ପୁନଶ୍ଚ ସେଠାକୁ ଫେରିଆସନ୍ତି । ତେଣୁ ବାସ୍ତବରେ ରଥଯାତ୍ରା ହେଉଛି ଅର୍ନ୍ତବେଦୀ ମହୋତ୍ସବ । ଆଦି ବ୍ରହ୍ମ ପୁରାଣରେ ଅର୍ନ୍ତବେଦୀକୁ ବିଷ୍ଣୁଲୋକ ବୋଲି ବର୍ଣ୍ଣନା କରାଯାଇଛି ।


**ଆଡ଼ପ ଯାତ୍ରା :** ଆଡ଼ପ ଶବ୍ଦର ଅର୍ଥ ଆଦି ବା ମୂଳ । ଏଣୁ ଆଡ଼ପ ମଣ୍ଡପର ଅର୍ଥ ହେଉଛି ଆଦିପୀଠ ବା ଆଦି ମଣ୍ଡପ । ରାଜା ଇନ୍ଦ୍ରଦ୍ୟୁମ୍ନ ଯେଉଁଠାରେ ଶ୍ରୀଜୀଉଙ୍କୁ ପ୍ରତିଷ୍ଠା କରିଥିଲେ ତାହା ଆଡ଼ପ ମଣ୍ଡପ ନାମରେ ଖ୍ୟାତ । ଆଡ଼ପ ମଣ୍ଡପ ହେଉଛି ଶ୍ରୀଜୀଉଙ୍କର ଜନ୍ମ ଭୂମି ବା ଜନକପୁରୀ । ରଥଯାତ୍ରାରେ ଶ୍ରୀଜୀଉମାନେ ଆଡ଼ପ ମଣ୍ଡପକୁ ବିଜେ କରୁଥିବାରୁ ଏହାକୁ ଆଡ଼ପ ଯାତ୍ରା କୁହାଯାଇଥାଏ ।

**ନବଦିନାତ୍ମକ ଯାତ୍ରା :** ରଥଯାତ୍ରାରେ ଜଗନ୍ନାଥ ନ'ଦିନ କଟାଇ ଶ୍ରୀମନ୍ଦିରକୁ ଫେରି ଥାଆନ୍ତି । ତେଣୁ ଏହାକୁ ନବଦିନାତ୍ମକ ଯାତ୍ରା ବୋଲି କୁହାଯାଇଥାଏ । ତେବେ ରଥଯାତ୍ରା ଯେପରି ଆନନ୍ଦପ୍ରଦ ସେହିପରି ମଙ୍ଗଳପ୍ରଦ ଅଟେ ।

*କୁଆଁସରପୁର, ଯାଜପୁର : ୯୪୩୭୧୦୩୫୦୨*

# ପ୍ରଭୁ ଶ୍ରୀଅଲାରନାଥ

◆ ରାମଚନ୍ଦ୍ର ବେହେରା



ପ୍ରଭୁ ଶିଳାପଦ୍ମ ଶ୍ରୀଅଲାରନାଥ
ଚତୁର୍ଭୁଜ ନାରାୟଣ
କଳା ମୁଗୁନିର ଅପୂର୍ବ ବିଗ୍ରହ
ରୁପକାନ୍ତି ମନୋରମ
କମନୀୟ ତୋରଣରେ
ଶକ୍ତି ସ୍ୱରୂପିଣୀ ଶ୍ରୀଦେବୀ ଭୂଦେବୀ
ଶୋଭନ୍ତି ଦୁଇ ପାର୍ଶ୍ୱରେ ।
ଉର୍ଦ୍ଧ୍ୱ ଦୁଇ ପାଶେ ବେଦପତି ବ୍ରହ୍ମା
ମହେଶ ବିରାଜମାନ
ଶ୍ରୀଚରଣ ତଳେ ବାହନ ଗରୁଡ
ହସ୍ତଯୋଡି କରେ ଧ୍ୟାନ
ବିଗ୍ରହ ନିମ୍ନ ପାର୍ଶ୍ୱରେ
ଚାମରକୁ ଧରି ଲଳିତା ବିଶାଖା
କରନ୍ତି ସେବା ନୀତିରେ ।
କର୍ଣ୍ଣରେ ଶୋଭଇ ମକର କୁଣ୍ଡଳ
କଣ୍ଠେ ଶୋହେ ରତ୍ନହାର
ଉର୍ଦ୍ଧ୍ୱ ହସ୍ତେ ଶୋହେ ଶଂଖ ସୁଦର୍ଶନ
ନିମ୍ନ ହସ୍ତେ ଗଦା ପଦ୍ମ
ପାଦରେ ଶୋହେ ନୂପୁର
ସ୍କନ୍ଧେ ଶୋଭାପାଏ ପବିତ୍ର ପଇତା
ଅପୂର୍ବ କୃଷ୍ଣ ଶରୀର ।
ଅଣସର କାଳେ ଜ୍ୱରରେ ପୀଡିତ
ହୁଅନ୍ତି କଳା ବାମନ
ଭକତ ଜନଂକୁ ନଦିଅନ୍ତି ଦେଖା
କରନ୍ତି ଗୃହେ ବିଶ୍ରାମ
ସେହି ଅଣସର କାଳେ
ଅଲାରନାଥଂକୁ ଭେଟି ସୁଧିଜନେ
ଲୋଟନ୍ତି ଚରଣ ତଳେ ।
ବ୍ରହ୍ମଗିରି ନାଥ ଶ୍ରୀଅଲାରନାଥ
ଶ୍ରୀମୁଖଂକ ପ୍ରତିରୂପ
ଭକ୍ତିଭାବ ସହ କରିଲେ ପ୍ରଣତି
ଫଳ ମିଳେ ଅନୁରୂପ
ଦୁଃଖହାରୀ ଶିଳାପଦ୍ମ
ତାଂକ ଦରଶନେ କୋଟି ପୂଣ୍ୟ ମିଳେ
ମନୋରଥ ହୁଏ ପୂର୍ଣ୍ଣ ।
..................!!!!!!!!!!!!!!..................

*ଡେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*

# ମୋକ୍ଷର ବାଟ ବାଇଶି ପାହାଚ

◆ ନିରୁପମା ଭୂୟାଁ

ରତ୍ନ ବେଦୀର ନିର୍ବାଣକର୍ତାଙ୍କ ଯାଏ ପହଂଚିବା ଲାଗି ବାଇଶି ପାହାଚ ଚଢ଼ିବାକୁ ହୁଏ । ଜଗନ୍ନାଥ ମନ୍ଦିରର ବାଇଶି ପାହାଚ ଚଢ଼ିବା ଆଦୌ ଛୋଟ କଥା ହୋଇ ନପାରେ । କାଳିଆର ଡୋରି ଲାଗିଲେ ଯାଇ ବାଇଶି ପାହାଚ ଚଢ଼ିହେବ । ବାଇଶି ପାହାଚ ଦୁଇଟି ଶବ୍ଦ ହେଲେ ବି ଏହାର ଅର୍ଥ ଖୁବ୍ ଗଭୀର । ସେଇ ଅର୍ଥ ଏତେ ସହଜରେ ବୁଝିହୁଏନା । ପ୍ରତ୍ୟେକ ପାହାଚରେ ଯେମିତି ବିଶ୍ୱ ବ୍ରହ୍ମାଣ୍ଡର ଗୋଟି ଗୋଟି ତତ୍ୱ ନିହିତ ରହିଛି । ଭକ୍ତି ସଙ୍ଗୀତରେ ବର୍ଣ୍ଣନା କରାଯାଇଛି, ବାଇଶି ପାହାଚ ଏମିତି ଏକ ସ୍ଥାନ ଯେଉଁ ଠାରେ ଜଣେ ନିଜକୁ ପୁନର୍ସମୀକ୍ଷା କରିପାରେ ଏବଂ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଭକ୍ତି ଓ ବିଶ୍ୱାସ ଥାପିପାରେ । ମୁଖ୍ୟଦ୍ୱାର ଅର୍ଥାତ୍ ସିଂହଦ୍ୱାର ଅତିକ୍ରମ କରିବାପରେ ବାଇଶି ପାହାଚ ପଡ଼େ । ଜଗନ୍ନାଥ ସଂସ୍କୃତିରେ ଏହା ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବହନ କରିଛି । ବିଶ୍ୱାସ ରହିଛି, ଥରେ ବାଇଶି ପାହାଚ ଚଢ଼ିବାପରେ ପାପୀର ସବୁ ପାପ ଧୋଇ ହୋଇଯାଏ । ଏହି ବାଇଶି ପାହାଚକୁ କୁହାଯାଏ ମୋକ୍ଷପ୍ରାପ୍ତିର ପଥ । ହିନ୍ଦୁଧର୍ମର ସମସ୍ତ ଧାର୍ମିକ କର୍ମ ଏଠାରେ କରାଯାଏ । ଏହିସବୁ ଧାର୍ମିକ କାର୍ଯ୍ୟରେ ଶ୍ରଦ୍ଧାଳୁଙ୍କୁ ସହଯୋଗ ପାଇଁ ବ୍ରାହ୍ମଣମାନେ ଏଠାରେ ବସି ରହିଥାନ୍ତି । ଭକ୍ତମାନେ ଏଠାରେ ବସି କାଉଁରିଆରେ ନିଆଁ ଲଗାଇ ଆକାଶକୁ ଦେଖାଇ ପ୍ରାର୍ଥନା କରନ୍ତି ପୂର୍ବଜଙ୍କ ଆତ୍ମାର ମୋକ୍ଷପ୍ରାପ୍ତି ପାଇଁ । କେବଳ



ହିନ୍ଦୁ ନୁହଁନ୍ତି, ଜୈନମାନଙ୍କର ବି ଜଗନ୍ନାଥ ସଂସ୍କୃତିରେ ପ୍ରଗାଢ଼ ବିଶ୍ୱାସ ରହିଛି । ସେମାନଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ, ସେମାନଙ୍କ ଧର୍ମର ୨୪ଜଣ ତୀର୍ଥଙ୍କରଙ୍କ ମଧ୍ୟରୁ ୨୨ଜଣ ହେଉଛନ୍ତି ଜଗନ୍ନାଥ ମନ୍ଦିରର ବାଇଶି ପାହାଚ । ଅନ୍ୟ ଦୁଇ ତୀର୍ଥଙ୍କର ରହିଛନ୍ତି ରତ୍ନବେଦୀ ଏବଂ ପୁରୁଷୋତମ କ୍ଷେତ୍ରର ବଡ଼ଦାଣ୍ଡରେ । ଯେତେବେଳେ ଜଣେ ଜୈନ ଭକ୍ତ ଜଗନ୍ନାଥ ମନ୍ଦିର ଆସନ୍ତି ଏବଂ ବାଇଶି ପାହାଚ ଚଢ଼ନ୍ତି ସେହି ସମୟରେ ସେମାନେ ପ୍ରତ୍ୟେକଟି ପାହାଚକୁ ଅତି ଭକ୍ତିର ସହ ଚଢ଼ି ମୁଣ୍ଡ ଲଗାଇ ପ୍ରଣାମ କରିଥାନ୍ତି । ସମସ୍ତ ଭକ୍ତି ଅର୍ପଣ କରିଥାନ୍ତି ସେମାନଙ୍କ ତୀର୍ଥଙ୍କରଙ୍କ ନିକଟରେ । ବାଇଶି ପାହାଚରେ ପ୍ରତ୍ୟେକ ପାହାଚର ଗୁରୁତ୍ୱ ଭିନ୍ନ ଭିନ୍ନ । ପ୍ରଥମ ପାଂଚଟି ପାହାଚ ବୁଝାଏ ପଂଚେନ୍ଦ୍ରିୟ - ଆଖି, କାନ, ନାକ, ପାଟି ଏବଂ ଚର୍ମ । ଦ୍ୱିତୀୟ ପାଂଚଟି ପାହାଚକୁ କୁହାଯାଏ ପଂଚ ପ୍ରାଣ ଅର୍ଥାତ୍ ପ୍ରାଣ, ଅପାନ, ବ୍ୟାନ, ଉଦାନ, ସମାନ । ଏହି ପାଂଚଟି ଶକ୍ତି ଯୋଗୁ ଶରୀରରେ ପ୍ରାଣ ସଂଚାର ହୁଏ । ତୃତୀୟ ପାଂଚଟି ପାହାଚକୁ ଅନ୍ତଃ ସୌନ୍ଦର୍ଯ୍ୟ ଭାବେ ବର୍ଣ୍ଣନା କରାଯାଇଛି । ଏହି ପାଂଚଟି ହେଉଛି ରୂପ, ରସ, ସ୍ୱାଦ, ଗନ୍ଧ, ଶବ୍ଦ । ଚତୁର୍ଥ ପଂଚ ପାହାଚକୁ ବର୍ଣ୍ଣନା କରାଯାଇଛି ପଂଚ ମହାଭୂତ ଭାବେ । ଏହି ପାଂଚଟିକୁ କୁହାଯାଇଛି ପୃଥ୍ୱୀ, ଜଳ, ଅଗ୍ନି, ବାୟୁ, ଆକାଶ । ଏହି ୨୦ଟି ପାହାଚ ପରେ ୨୧ ତମ ପାହାଚକୁ କୁହାଯାଇଛି ଜ୍ଞାନ ଏବଂ ୨୨ତମ ପାହାଚକୁ କୁହାଯାଇଛି ମୋହ । ଏହି ସମସ୍ତ ପାହାଚକୁ ଅତିକ୍ରମ କରିବାପରେ ଜଣେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପହଂଚିପାରିବେ । ବାଇଶି ପାହାଚର ପୌରାଣିକ ବିଶେଷତ୍ୱ ଅନୁସାରେ, ଏହାକୁ ଭଗବାନ ବିଷ୍ଣୁଙ୍କର ପ୍ରମୁଖ ୨୨ଟି ଅବତାରଙ୍କ ନାମରେ ନାମିତ କରାଯାଇଛି । ଏହି ବାଇଶି ଅବତାରଙ୍କ ନାମ ହେଉଛି - କଟୁରାସନ, ନାରଦ, ବରାହ, ମତ୍ସ୍ୟ, ଯଜ୍ଞ, ନର-ନାରାୟଣ, କପିଳ, ଦତାତ୍ରେୟ, ପ୍ରଶ୍ନିଗର୍ଭ, ଋଷଭ, ପୃଥୁ, ନରସିଂହ, କୁର୍ମ, ଧନ୍ୱନ୍ତରି, ମୋହିନୀ, ବାମନ, ପର୍ଶୁରାମ, ରାମ, ବ୍ୟାସ, ବଳରାମ, କୃଷ୍ଣ ଏବଂ କଲ୍‌କି ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, : ୯୯୩୭୪୭୦୯୮୦*

# ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗର ଦ୍ରବ୍ୟ ଓ ବ୍ୟବହୃତ ହେଉଥିବା ମାଟିପାତ୍ର

◆ ଡକ୍ଟର ରାଜକିଶୋର ମିଶ୍ର







ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆର ମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧିକ ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ 'ସରଘର' ରହିଛି । ଯେଉଁଠାରେ କି କୋଠଭୋଗ ନ୍ତଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ । ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ-୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି-୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ-୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶି ତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଳଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠ ଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ । ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଳିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟିପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।

*ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ :୭୦୦୮୧୮୧୮୨୦*

# ଫଗୁରେ ଫଗୁରେ ଫାଲଗୁନି ଉପନ୍ୟାସର ପାଠକୀୟ ଚର୍ଚ୍ଚା




ନୟାଗଡ(ନିପ୍ର): ନୟାଗଡ଼ ପଂଚାୟତ ସମିତି ସଭାକକ୍ଷରେ ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କମ୍ରେଡ୍ ବିଶ୍ୱନାଥ ମହାପାତ୍ରଙ୍କ ରଚିତ ଉପନ୍ୟାସ 'ଫଗୁରେ ଫଗୁରେ ଫାଲଗୁନି' ର ପାଠକୀୟ ଚର୍ଚ୍ଚା ଜିଲ୍ଲାର ବିଭିନ୍ନ ଅଂଚଳରୁ ଯୋଗ ଦେଇଥିବା ଶତାଧିକ ସାହିତ୍ୟିକ, ବୁଦ୍ଧିଜୀବୀଙ୍କ ଗହଣରେ ଉତ୍ସାହ ଉଦ୍ଦୀପନା ସହିତ ସମାହିତ ହୋଇଯାଇଛି ! ଅଧ୍ୟାପକ ଡ. ଆଶୁତୋଷ ମିଶ୍ର ପୁସ୍ତକର ସମୀକ୍ଷା କରି ପାଠକୀୟ ଉତ୍କଣ୍ଠା ଉଜ୍ଜୀବିତ କରୁଥିବା ଏହି ସଫଳ ଉପନ୍ୟାସର ବଳିଷ୍ଠ କାହାଣୀ, ଲୋକକଥିତ ଭାଷା ଚାତୁରୀ, ଶ୍ରେଣୀ ସଂଘର୍ଷର ଅନ୍ତର୍ନିହିତ ବାର୍ତ୍ତା ଉପରେ ଆଲୋକପାତ କରି ଶ୍ରୋତାଙ୍କୁ ଉପନ୍ୟାସର ମର୍ମ ଭିତରେ ନିମଜ୍ଜିତ କରାଇଥିଲେ ! ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୟାଗଡ଼ର ବିଧାୟକ ତଥା ସାହିତ୍ୟିକ ଡ. ଅରୁଣ କୁମାର ସାହୁ ଔପନ୍ୟାସିକ କମ୍ରେଡ୍ ମହାପାତ୍ରଙ୍କ ଲଗାତାର ପ୍ରଗତିଶୀଳ ସାହିତ୍ୟ ସୃଷ୍ଟିର ଭୂୟସୀ ପ୍ରଶଂସା କରିବା ସହିତ ଓଡ଼ିଶାର ସାରସ୍ୱତ ପରିମଣ୍ଡଳରେ ନିର୍ଭୀକ ସଂସ୍କାରମୂଳକ ପ୍ରଗତିଶୀଳ ସାହିତ୍ୟର ଏହା ମାଇଲଖୁଂଟ ହେବ ବୋଲି ଡ. ସାହୁ ଦୃଢୋକ୍ତି କରିଥିଲେ ! ଏହି ଉପନ୍ୟାସ ଉପରେ ପାଠକୀୟ ମନ୍ତବ୍ୟ ରଖି ଏହା ସାମ୍ପ୍ରତିକ ସମୟର ଏକ କାଳଜୟୀ ସାରସ୍ୱତ ସୃଷ୍ଟି ଓ ଏହା ନୂତନ ପିଢି ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଅଧ୍ୟାପକ ଡ. ଦୀପକ ରଂଜନ ସାହୁ, କବୟିତ୍ରୀ ବସିରନ୍ ବିବି, ଶିକ୍ଷକ ଗିରୀଶ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ଡ. ବିଦ୍ଯୁଲତା ଷଣ୍ଢ, ଡ. ପ୍ରିୟମ୍ବଦା ଦାଶ, ଅଧ୍ୟାପକ ଶୁଭ୍ରାଂଶୁ ବିଶ୍ୱାଳ, ସୁଶ୍ରୀ ପାୟଲ ପ୍ରଧାନ, ଶିକ୍ଷାବିତ୍ ସରୋଜ କୁମାର ପଣ୍ଡା, ସମ୍ବାଦ ସାହିତ୍ୟ ଘର, ଦଶପଲ୍ଲାର ସଭାପତି ସନ୍ତୋଷ କୁମାର ସାହୁ ପ୍ରମୁଖ ପୁସ୍ତକର ବିଭିନ୍ନ ରଚନାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ ! ରଞ୍ଜୁବାଳା ପ୍ରକାଶନୀର ମୁଖ୍ୟ ଆଡଭୋକେଟ ଶରତଚନ୍ଦ୍ର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ ଲେଖକ ବିଶ୍ୱନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ! ସଭାକୁ ଶ୍ରୀ ଗୋପୀନାଥ ସେଠୀ ସଂଯୋଜନା କରିଥିଲେ ।

# ସରକାରୀ ମେଡିକାଲ କଲେଜ ଓ ହସପିଟାଲ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ସ୍ଥିତ ଭଞ୍ଜଶ୍ରୀ ବିହାରଠାରେ , ଜଳେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସପିଟାଲ ଏକ୍ସନ କମିଟି ଜଳେଶ୍ୱର ଶାଖା ର ସଭାପତି କମଳ ଚକ୍ରବର୍ତ୍ତୀ ସଭାପତିତ୍ୱରେ ସମ୍ପାଦକ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି, କେନ୍ଦ୍ରୀୟ କମିଟି ର ସମ୍ପାଦକ ଦିଲ୍ଲୀପ କୁମାର ଗିରି, ଶରତ ଚନ୍ଦ୍ର ପରିଡା, ଭାସ୍କର ଚନ୍ଦ୍ର ମିଶ୍ର, ଡଃ ଲଳିତ ରଂଜନ ସେନାପତି, କାଳି ଚରଣ ପୁଷ୍ଟି, ଅଜିତ କୁମାର ଦାସ, ମହେଶ୍ୱର ଜେନା, ଇ ରାମଚନ୍ଦ୍ର ସାହୁ, ଶିକ୍ଷାବିତ୍ ଶ୍ୟାମା ଚରଣ ଦାସ, ପ୍ରଭୃତି ବାଲେଶ୍ୱର ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଜି କେ ଭଟ୍ଟର ହସ୍ପିଟାଲ,ହାତୀଗଡ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜଳେଶ୍ୱର ବ୍ଲକ ରେ ଥିବା ଆରୋଗ୍ୟ ମନ୍ଦିର ର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ର ସୁଧାର ପାଇଁ ଜଳେଶ୍ୱର ମେଡିକାଲ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ତା ୩୦/୭/୨୦୨୬ ରିଖ ଗୁରୁବାର ସକାଳ ୧୦ ଘଟିକା ସମୟରେ ଜିକେ ଭଟ୍ଟର ହସ୍ପିଟାଲ ସମ୍ମୁଖରେ ଏକ ଗଣ ଧାରଣା ସଂଗଠିତ କରାଯିବା ପାଇଁ ସ୍ଥିର କରାଯାଇଛି ଏବଂ ଜଳେଶ୍ୱର ହସ୍ପିଟାଲ ରେ ଟ୍ରମା ସେ[ର ଜଳେଶ୍ୱର ଜି କେ ଭଟ୍ଟର ହସ୍ପିଟାଲରେ ଦୀର୍ଘ ୧୫ ବର୍ଷ ଧରି ସଂଗଠନ ପକ୍ଷରୁ ଦାବି କରୁଥିଲେ ମଧ ସରକାରଙ୍କ ଅଣଦେଖା କରାଯାଉଛି । ଓଡ଼ିଶା ରେ ୮୯ ଟି ଟ୍ରମା ସେଂଟର ମାନ୍ୟବର ମୁଖ୍ୟମନ୍ତ୍ରୀ ନିକଟରେ ଘୋଷଣା କରିଥିଲା ବେଳେ ଦୀର୍ଘ ୧୫ ବର୍ଷ ଧରି ଦାବି ରଖିଥିବା ସରକାରୀ ମେଡିକାଲ କଲେଜ ଓ ହସପିଟାଲ ଏକ୍ସନ କମିଟି, ଜଳେଶ୍ୱର ଶାଖା ତରଫ ରୁ ଗଣ ଧାରଣା ରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଓ ମୁଖ୍ୟ ଚିକିତ୍ସାଧିକାରୀ ଙ୍କ ଉପସ୍ଥିତି କାମନା ଉଦ୍ଦେଶ୍ୟରେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲ ର ଅଧକ୍ଷ ଡାକ୍ତର ଦିଲ୍ଲୀପ କୁମାର ପାତ୍ର ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସର୍ବ ଶେଖର ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ଡଃ ଅଜିତ କୁମାର ମହାନ୍ତି ।

# ଅଧ୍ୟାପକ ଶ୍ରୀକର ଭୋଇଙ୍କ କଥାନି ସଂକଳନ '୧୯ ଖଣ୍ଡିଆ ଆଇମା କଥାନି' ଲୋକାର୍ପିତ

ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ଜିଲ୍ଲାର ବିଶିଷ୍ଟ କଥାଶିଳ୍ପୀ ତଥା ଅଧ୍ୟାପକ ଶ୍ରୀକର ଭୋଇଙ୍କ ସମ୍ବଲପୁରୀ କଥାନି ସଂକଳନ '୧୯ ଖଣ୍ଡିଆ ଆଇମା କଥାନି' ର ଭବ୍ୟ ଲୋକାର୍ପଣ ଉତ୍ସବ ଆଜି ଝାରସୁଗୁଡ଼ା ବରିଷ୍ଠ ନାଗରିକ କଲ୍ୟାଣ ସମିତି ପରିସରରେ ଗମ୍ଭୀର ଓ ସାହିତ୍ୟିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କଥାନି ସଂକଳନରେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ଐତିହାସିକ ୧୯ ଖଣ୍ଡ ମୌଜା ଅଂଚଳରେ ଆଇମା ମାନଙ୍କ ମୁଖରୁ ପିଢ଼ି ପରମ୍ପରାରେ ପ୍ରଚଳିତ ଲୋକକଥାଗୁଡ଼ିକୁ ସମ୍ବଲପୁରୀ ଭାଷାରେ ସଂଗ୍ରହ ଓ ସଂକଳନ କରାଯାଇଛି । ଏହି କାହାଣୀମାନଙ୍କ ମାଧ୍ୟମରେ ସେହି ଅଂଚଳର ଲୋକଜୀବନ, ସଂସ୍କୃତି, ପରମ୍ପରା, ଆଚାର-ବିଚାର, ଜୀବନ ଶୈଳୀ ଏବଂ ସାମାଜିକ ମୂଲ୍ୟବୋଧର ଏକ ଜୀବନ୍ତ ଚିତ୍ର ଉପସ୍ଥାପିତ ହୋଇଛି । ଆଲୋଚକ ମାନେ ଏହାକୁ ସମ୍ବଲପୁରୀ ଲୋକସାହିତ୍ୟର ଏକ ମୂଲ୍ୟବାନ ଓ ଦୁର୍ଲଭ ସଂଯୋଜନ ବୋଲି ଅଭିହିତ କରିଥିଲେ । ୧୯ ଖଣ୍ଡ ମୌଜା ସାହିତ୍ୟ ପରିଷଦର ବରିଷ୍ଠ ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ତପନ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟିକ ଓ ସମାଲୋଚକ ଅଧ୍ୟାପକ ମୋହନ ସାହୁ, ଡ. ଶ୍ୟାମ ସୁନ୍ଦର ଧର, ଡ. ଦ୍ୱାରିକା ନାଥ ନାୟକ, ବରିଷ୍ଠ ସମାଜଶାସ୍ତ୍ରୀ ମୁକ୍ତକଣ୍ଠ ପ୍ରଧାନ ଏବଂ ଅବସରପ୍ରାପ୍ତ ଅଧକ୍ଷ ଟହଲୁ ସାହୁ ଆଲୋଚକ ଭାବେ ଯୋଗଦେଇ ପୁସ୍ତକଟିର ସାହିତ୍ୟିକ ଓ ସାଂସ୍କୃତିକ ମହତ୍ୱ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ୧୯ ଖଣ୍ଡ ମୌଜା ସାହିତ୍ୟ ପରିଷଦର ବିଶିଷ୍ଟ କବି ରମେଶ ପସାଏତ ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରତାପ କେଶରୀ ହୋତା ପୁସ୍ତକର ବିବରଣୀ ପାଠ କରିବା ସହ ସୁଚାରୁ ଭାବେ ସଭା ପରିଚାଳନା କରିଥିଲେ । ସମ୍ବଲପୁରୀ ଭାଷା, ଲୋକସଂସ୍କୃତି ଓ ମୌଖିକ ପରମ୍ପରାର ସଂରକ୍ଷଣ ଦିଗରେ '୧୯ ଖଣ୍ଡିଆ ଆଇମା କଥାନି' ଏକ ଉଲ୍ଲେଖନୀୟ ଓ ଯୁଗୋପଯୋଗୀ ସାହିତ୍ୟିକ ଅବଦାନ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ ।

# ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ...

୧ମ ପୃଷ୍ଠାର ଅବଶିଷ୍ଟାଂଶ

ବାହାବଳପୁର ରାସ୍ତା ସହ ଗ୍ରାମାଂଚଳ ଓ ବାଲେଶ୍ୱର ସହରାଂଚଳରେ ୬୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପକୁ ଉପରେ ମୋହର ଲାଗିସାରିଛି । ବାଲେଶ୍ୱର ସହର ସୀମାରେ ୩୦୦କୋଟି ଟଙ୍କାର ରିଂ ରୋଡ଼୍ ପ୍ରକଳ୍ପ ଅନୁମୋଦିତ ହେବା ପରେ ଡିପିଆର ପ୍ରସ୍ତୁତି ଜାରି ରହିଛି । ସମୁଦ୍ର ଜୁଆରରୁ ଉପକୂଳ ଅଂଚଳକୁ ରକ୍ଷା କରିବା ପାଇଁ ସାର୍ଥା ପଂଚାୟତରେ ୨୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଲୁଣାବନ୍ଧ ନିର୍ମାଣାଧିନ ଥିବା ବେଳେ କଷାଫଳ, ପରିଖି, ନଗ୍ରମ, ଆଳୁମେଦା, ବାହାବଳପୁର, ଚାରିଗାଛିଆ, ପଂଚୁପଡା, ନୂଆପୁର, ଗୋପିନାଥପୁର, କୁରାଡିହା, ପୁରୁଣା ବାଲେଶ୍ୱରରେ ପ୍ରାକୃତିକ ବିର୍ଯ୍ୟୟରୁ ସୁରକ୍ଷା ନିମନ୍ତେ ୪ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଦୀର୍ଘ ଦିନରୁ ଅଟକି ରହିଥିବା ପ୍ରକଳ୍ପ ମଧ୍ୟରେ କଷାଫଳ ଓ ଆଳୁମେଦା ପଂଚାୟତକୁ ସଂଯୋଗର ସେତୁ ଡୁବୁଡୁବି ପୋଲର କାର୍ଯ୍ୟ ପୁନଃ ଆରମ୍ଭ ହୋଇଥିବା ବେଳେ ପରିଖି-ବଳରାମଗଡ଼ି, ଓଲାଡି ଓ ଅରାଡ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଅନୁରୂପ ଭାବେ ନୂଆପୁର, କଷାଫଳ ଟୁରିଷ୍ଟ, ଚାରିଗାଛିଆ ପ୍ରଭୃତି ଅଂଚଳରେ ନୂତନ ସେତୁ ନିର୍ମାଣ ପାଇଁ ଉପକ୍ରମ ଆରମ୍ଭ କରାଯାଇଛି । ମୋଟାମୋଟି ଉପରେ ସେତୁ ନିର୍ମାଣ ପାଇଁ ଅଦ୍ୟାବଧି ୧୬୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ କାର୍ଯ୍ୟାନ୍ୱୟନ ହୋଇ ପାରିବା ଏକ ଉଲ୍ଲେଖନୀୟ ବିଷୟ । ଏହା ବ୍ୟତୀତ ୭୫କୋଟି ଟଙ୍କା ବ୍ୟୟବରାଦରେ ବଳରାମଗଡ଼ିରେ ନିର୍ମିତ ବୃହତ୍ ଫିସିଂ ହାର୍ବର ଓ ବାହାବଳପୁର ଠାରେ ୩୪କୋଟି ଟଙ୍କାର ମତ୍ସ୍ୟ ଅବତରଣ କେନ୍ଦ୍ର ହଜାରହଜାର ମତ୍ସ୍ୟଜୀବି ମାନଙ୍କ ପରିବାରର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବ । ଚାନ୍ଦିପୁର ବେଳାଭୂମିର ନବକଳେବର ପାଇଁ ୧୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଓ କଷାଫଳ ବେଳାଭୂମିର ଉନ୍ନତି ପାଇଁ ୨କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗର ମଞ୍ଜୁରୀକୁ ଅପେକ୍ଷା କରାଯାଇଛି । ସୁବ୍ୟବସ୍ଥିତ ନ୍ୟାୟିକ ପ୍ରକିୟା ପରିଚାଳନା ପାଇଁ ଜୁଡ଼ିସିଆଲ ହବ୍ ନିର୍ମାଣ ପାଇଁ ୩୪୦କୋଟି ଟଙ୍କାର ଅନୁଦାନ, ଐତିହାସିକ ଉପଲବ୍ଧି ମଧ୍ୟରେ ଅନ୍ୟତମ । ସେହିପରି ଶିଳ୍ପ, ବାଣିଜ୍ୟ ଓ ନିବେଶ କ୍ଷେତ୍ରକୁ ପ୍ରୋତ୍ସାହନ ପାଇଁ ୫୦ କୋଟି ଟଙ୍କା ଖର୍ଚ୍ଚରେ ଅତ୍ୟାଧୁନିକ ଇଡ଼କୋ ଟାୱାର ନିର୍ମିତ ହେବ । ବାଲେଶ୍ୱର ସହରର ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପୌରପାଳିକା ମାଧ୍ୟମରେ ୮୦କୋଟି ଟଙ୍କା ଖର୍ଚ୍ଚରେ ନୂତନ ଯୋଜନା ପ୍ରସ୍ତୁତ ସରିଛି । ୫ କୋଟି ଟଙ୍କାର ବ୍ୟୟରେ ରିଭର୍ ସାଇଡ଼୍ ପାର୍କ, ୭କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ମଣ୍ଡଳବଜାର ବହୁମୁଖୀ ମାର୍କେଟ କମ୍ପ୍ଲେକ୍ସ, ୫କୋଟି ଟଙ୍କାରେ ଗୋଶାଳା, ୩କୋଟି ଟଙ୍କାରେ ମଲ୍ଟି କମ୍ପ୍ଲେକ୍ସ ଓ ୫୦ଲକ୍ଷ ଟଙ୍କା ଖର୍ଚ୍ଚରେ ଇଭି ଚାର୍ଜିଂ ଷ୍ଟେସନ ନିର୍ମାଣ ହେବ । ବାଲେଶ୍ୱର ସହରବାସୀଙ୍କ ବିଶୁଦ୍ଧ ପାନୀୟ ଜଳ ପାଇଁ ଦୀର୍ଘଦିନ ଆଶାକୁ ପୂରଣ କରିବାକୁ ଯାଇ ୧୨୨କୋଟି ଟଙ୍କା ଅନୁଦାନରେ ନଦୀଜଳ ବିଶୋଧନ ସହ ଘରକୁ ଘର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରାଯାଇପାରିଛି । ସେହିପରି ଗ୍ରାମାଂଚଳରେ ନଳକୂପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୪୮କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ବ୍ୟାସକବି ଫକୀରମୋହନଙ୍କ ଜନ୍ମସ୍ଥଳୀ ଶାନ୍ତିକାନନକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ ସହ ୧୫କୋଟି ଟଙ୍କାର ଅନୁଦାନ ମିଳିସାରିଛି । ନଗ୍ରମ ଠାରେ ବ୍ଲକସ୍ତରୀୟ ବହୁମୁଖୀ କ୍ରୀଡା ଷ୍ଟାଡିଅମ ନିର୍ମାଣ ପାଇଁ ୧୨କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । ବାଲେଶ୍ୱର ସହରରେ ନୂତନ ଷ୍ଟାଡିଅମ ବା ପରିମିଟ ପଡିଆର ଆଧୁନିକୀକରଣ ପାଇଁ ୧୮କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରାଯାଉଛି । ବାଲେଶ୍ୱର ସହରର ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମାଷ୍ଟର ପ୍ଲାନର ଡିପିଆର ପ୍ରସ୍ତୁତି କରାଯାଉଛି । ଚଳିତ ବର୍ଷ ଏଥିପାଇଁ ୯କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ନୂଆସାହିରୁବାଲିଆ ରାସ୍ତାରେ ଡ୍ରେନ୍ ନିର୍ମାଣ ପାଇଁ ୨୭ କୋଟି ଟଙ୍କା ମଞ୍ଜୁର ହୋଇ ସାରିଛି । ସଦର ନିର୍ବାଚନମଣ୍ଡଳୀର ଗ୍ରାମାଂଚଳରେ ସୁଦୃଢ ଡ୍ରେନେଜ ବ୍ୟବସ୍ଥା ପାଇଁ ୨୫କୋଟି ଟଙ୍କାର କାର୍ଯ୍ୟ ହାତକୁ ନିଆଯାଇଛି । ଏହି ଦୁଇ ବର୍ଷ ମଧ୍ୟରେ ବାଲେଶ୍ୱର ପୌରପାଳିକା ଅଂଚଳରେ ୨୦,୪୧୦ଟି ପରିବାର ଓ ସଦର ବ୍ଲକ ଅଂଚଳରେ ୬୨,୬୭୨ଟି ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି । ସେହିପରି ଅନ୍ନପୂର୍ଣ୍ଣା ଯୋଜନାରେ ପୌରପାଳିକାରେ ୧,୦୦୯ ଓ ସଦର ବ୍ଲକରେ ୪,୭୫୬ଟି ପରିବାରକୁ ସାମିଲ କରାଯାଇଛି । ସୁଭଦ୍ରା ଯୋଜନାରେ ସଦର ନିର୍ବାଚନମଣ୍ଡଳୀରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସାମିଲ କରାଯାଇଛି । ପିଏମ୍ କିଷାନ ଯୋଜନାରେ ୪୪,୪୧୭ ଓ ସିଏମ୍ କିଷାନ ଯୋଜନାରେ ୧୯,୬୭୫ ଜଣ ହିତାଧିକାରୀଙ୍କୁ ଲାଭ ମିଳିଛି । ଅନ୍ତୋଦୟ ଯୋଜନାରେ ଗୃହ ନିର୍ମାଣ ଲାଗି ୮୫୦ ଜଣକୁ କାର୍ଯ୍ୟାଦେଶ ବଂଟନ କରାଯାଇଛି । ଆୟୁଷ୍ମାନ ଯୋଜନାରେ ୧ଲକ୍ଷ ୯୫ହଜାର ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଇଛି । ପ୍ରତ୍ୟେକ ପଂଚାୟତରେ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଏବଂ ପୌରପାଳିକାର ପ୍ରତ୍ୟେକ ୱାର୍ଡ଼ରେ ହାରାହାରି ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ବୋଲି ବିଧାୟକ ଶ୍ରୀ ଦତ ବିସ୍ତୃତ ଏହି ସମ୍ମିଳନୀରେ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବୀମାନେ ସଦର ନିର୍ବାଚନମଣ୍ଡଳୀରେ ଚାଲିଥିବା ଉନ୍ନତିମୂଳକ ପ୍ରକଳ୍ପକୁ ନେଇ ମତାମତ ଦେଇଥିଲେ । ବିଗତ ଦୁଇ ବର୍ଷ ଧରି ଚାଲିଥିବା ବିକାଶମୂଳକ କାର୍ଯ୍ୟ ପାଇଁ ବିଧାୟକ ଶ୍ରୀ ଦତଙ୍କ ନିରନ୍ତର ଉଦ୍ୟମ ପ୍ରଶଂସନୀୟ ବୋଲି ସେମାନେ କହିଥିଲେ । ଜନତାଙ୍କ ବିଶ୍ୱାସ, ଉନ୍ନତିର ଦୃଢ଼ ସଂକଳ୍ପ ଏବଂ ଆଗାମୀ ଦିନର ନୂତନ ପ୍ରୟାସ ସହ ବାଲେଶ୍ୱର ଆଗକୁ ବଢିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସଦର ବ୍ଲକ୍ ଅଧକ୍ଷା ସୁନୀତା ବେହେରା ଓ ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ଉପେନ୍ଦ୍ର ଶତପଥୀ, ସୀତାକାନ୍ତ ସ୍ୱାଇଁ, ହରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ, କାର୍ତ୍ତିକ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆଧ୍ୟାତ୍ମିକ ପୁସ୍ତକ ସଂକଳନ ବ୍ରହ୍ମ ଅଚ୍ୟୁତ ଲୋକାର୍ପିତ



କଟକ(ନିପ୍ର): ଶରତ କର ଓ ଅନିମା କର ଫାଉଣ୍ଡେସନ ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ପୁସ୍ତକ ସଂକଳନ "ବ୍ରହ୍ମ ଅଚ୍ୟୁତ" କଟକ ମହାନଗର ନିଗମ ଅନ୍ତର୍ଗତ ଶତାବ୍ଦୀ ଭବନ ପ୍ରେକ୍ଷାଳୟରେ ଓଡ଼ିଶାର ବହୁ ବିଶିଷ୍ଟ ବୁଦ୍ଧିଜୀବୀ ବିଦ୍ୱାନ ପଣ୍ଡିତମାନଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି । ଇଷ୍ଟର୍ଣ୍ଣ ମିଡ଼ିଆ ଲିଃ ର ପ୍ରତିଷ୍ଠାତା ଅଧକ୍ଷ ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ପ୍ରଜ୍ଞାନ ବାଚସ୍ପତି ତଥା "ନିତ୍ୟନୂତନ" ର ସମ୍ପାଦକ ପଣ୍ଡିତ ଡ଼ଃ ପ୍ରବୋଧ କୁମାର ମିଶ୍ର ଯଥାକ୍ରମେ ଉଦ୍ ଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରାଙ୍କ ସମେତ ସନ୍ଥ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପଟ୍ଟଚିତ୍ର ରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଏହି ଭବ୍ୟ ଉତ୍ସବକୁ ଉଦ୍ ଘାଟନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ କଟକ ଜିଲ୍ଲା ଅନ୍ତର୍ଗତ ନେମାଳ ସ୍ଥିତ ଶ୍ରୀ ଶ୍ରୀ ବ୍ରହ୍ମ ଅଚ୍ୟୁତ ସାରସ୍ୱତ ସମାଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପୁସ୍ତକ ଲୋକାର୍ପଣ ତଥା ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହରେ ଡକ୍ଟର ଗୋବିନ୍ଦ ଭୂୟାଁ ଅଧକ୍ଷତା କରିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପିକା ଡ଼ଃ ପ୍ରତିଭା ମହାରଥୀ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟ – ସଂସ୍କୃତି ସଂଗଠକ ତଥା "ନିର୍ଭୀକ" ସମ୍ପାଦକ ଶ୍ରୀଯୁକ୍ତ ଅବନୀ ଚନ୍ଦ୍ର ଦାସ, ସାହିତ୍ୟିକ ଡ଼ଃ ସନ୍ତୋଷ ଉପାଧ୍ୟାୟ , ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପୃଷ୍ଟି ଯୋଗଦେଇ ଓଡ଼ିଆ ଅସ୍ମିତାର ପ୍ରତୀକ ପରଂବ୍ରହ୍ମ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହିମା ଏବଂ ସିଦ୍ଧ ମହାପୁରୁଷ ବ୍ରହ୍ମଦର୍ଶୀ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ କୃତି ଓ ଅଖଣ୍ଡ କୀର୍ତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶ୍ରୀ ଅଚ୍ୟୁତଙ୍କ ମାଳିକା ବର୍ଣ୍ଣିତ ସମାଜ ସଚେତକ ଭବିଷ୍ୟ ବାଣୀ, ପୋଥି ପୁରାଣ ର ତତ୍ୱ ଓ ତଥ୍ୟ ଆଜିବି ପ୍ରାସଙ୍ଗିକତା ବଜାୟ ରଖିଛି ବୋଲି ଅତିଥି ମାନେ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ।ରାଜ୍ୟର ବହୁ ସ୍ୱନାମଧନ୍ୟ କବି, ସାହିତ୍ୟିକ, ଲେଖକ, ଗବେଷକ ମାନଙ୍କ ଶ୍ରୀ ଜଗନ୍ନାଥ ସଂସ୍କୃତି ତଥା ଶ୍ରୀ ଅଚ୍ୟୁତାନନ୍ଦଙ୍କ କଥା ଓ ଗାଥା ସମ୍ପର୍କିତ ଆଲେଖ୍ୟରେ ସମୃଦ୍ଧ ଶ୍ରୀ ଆଶୀର୍ବାଦ ଦାସଙ୍କ ଦ୍ୱାରା ସଂକଳିତ "ବ୍ରହ୍ମ ଅଚ୍ୟୁତ" ଆଧ୍ୟାତ୍ମିକ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ – ସଚିବ ଶ୍ରୀଯୁକ୍ତ ସଞ୍ଜୟ କୁମାର ଛୁଆଳ ସିଂ ଏବଂ ଇଂ. ଗୁରୁ ପ୍ରସାଦ ପୃଷ୍ଟି ସଭାରେ ସ୍ୱକୀୟ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅଧିବକ୍ତା ଆକାଶ ଭୂୟାଁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂକଳକ ଶ୍ରୀ ଆଶୀର୍ବାଦ ଦାସ ପୁସ୍ତକ ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ସହିତ ଅନୁଷ୍ଠାନର ଆଭିମୁଖ୍ୟ ବର୍ଣ୍ଣନା କରି ସଭିଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ ।ଇତ୍ୟବସରରେ ନେମାଳ ସ୍ଥିତ ଶ୍ରୀ ଶ୍ରୀ ବ୍ରହ୍ମ ଅଚ୍ୟୁତ ସାରସ୍ୱତ ସମାଜ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ଆଧ୍ୟାତ୍ମ ପ୍ରେମୀ ସାହିତ୍ୟ – ସଂସ୍କୃତି ସଂଗଠକ ତଥା "ନିର୍ଭୀକ" ସମ୍ପାଦକ ଶ୍ରୀଯୁକ୍ତ ଅବନୀ ଚନ୍ଦ୍ର ଦାସ, ସୁଲେଖିକା ଗୀତାଞ୍ଜଳି ପୃଷ୍ଟି ଏବଂ ସମାଜସେବୀ ଡକ୍ଟର ସନ୍ତୋଷ ଉପାଧ୍ୟାୟ ଙ୍କୁ ସଭା ମଂଚରେ "ଶ୍ରୀ ଅଚ୍ୟୁତ ସାରସ୍ୱତ ସମ୍ମାନ" ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏତତ୍ ଭିନ୍ନ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅନ୍ୟାନ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରାୟ ଅର୍ଦ୍ଧଶତକରୁ ଉର୍ଦ୍ଧ୍ୱ କୃତୀ ପ୍ରତିଭା ମାନଙ୍କୁ "ସମ୍ମାନ ସନନ୍ଦ" ପ୍ରଦାନ କରାଯାଇଥିଲା । ଶେଷରେ ଶିକ୍ଷାବିତ୍ ଶ୍ରୀ ମହେନ୍ଦ୍ର ଘଡ଼େଇ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମା' ଅମ୍ବିକା ସାହିତ୍ୟ ସଂସଦର ସାହିତ୍ୟ ଆସର

ଖଇରା(ନିପ୍ର): ମା ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ୟୁପି ସ୍କୁଲ ପରିସରରେ ରବିବାର ସାହିତ୍ୟ ଆସର ଅନୁଷ୍ଠିତ ହୋଇ ଯାଇଛି । । ସଂସଦର କାର୍ଯ୍ୟାକରୀ ସଭାପତି ଭରତ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ମୁଖ୍ୟଅତିଥି ଭାବେ କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଯୁଧିଷ୍ଠିର କୁଅଁର ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ଯୋଗ ଦେଇ ଧରାପୃଷ୍ଠରେ ବର୍ଷାର ପ୍ରଭାବ ଉପରେ ସୁନ୍ଦର ବର୍ଣ୍ଣନା କରିଥିଲେ । କୁପାରୀ ମହାବିଦ୍ୟାଳୟର ଅଧ୍ୟାପିକା ଡଃ ଆଭାରାଣୀ ବଳ, ଶତ୍ରୁଘ୍ନ ଦାସ, ସୁଦାମ ଚରଣ ରାଉତ, ଅନ୍ତର୍ଯ୍ୟାମୀ ରାଉତ, ଅରୁଣ କୁମାର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କବି ଜଳଧର ଦାଶଙ୍କ ଦ୍ୱାରା ରଚିତ ପୁସ୍ତକ ଭାବର ସ୍ୱରର ଚତୁର୍ଦ୍ଦଶ ସଂସ୍କରଣ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବର୍ଷା ଉପରେ ଆଧାରିତ ୪୦ରୁ ଉର୍ଦ୍ଧ କବିଙ୍କ ସ୍ୱରଚିତ କବିତା ପାଠରେ ସ୍କୁଲ ପରିସର ପ୍ରକମ୍ପିତ ହୋଇଥିଲା । ପୂର୍ବତନ ପ୍ରଧାନଶିକ୍ଷକ ପରେଶ ଚନ୍ଦ୍ର ଦକ୍ଷିଣରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ ଏବଂ ଲକ୍ଷ୍ମଣ ଗାହାଣ ଓ ପ୍ରଫୁଲ୍ଲ ଦାଶ ଯଥାକ୍ରମେ କବିତା ଗୁଡିକର ସଂଯୋଜନା ଓ ସମୀକ୍ଷା କରିଥିଲେ । ଏହି ଅବସରରେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଭରତ ଚନ୍ଦ୍ର ଦାଶ ଙ୍କୁ ମାନପତ୍ର ଓ ଉ□ରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋଦି ସରକାରଙ୍କ ୧୨ ବର୍ଷ ପୂର୍ତ୍ତି: ଖଡ଼ିଆଳରେ ବୁଦ୍ଧିଜୀବୀ ଓ ଅବସରପ୍ରାପ୍ତ କର୍ମଚାରୀ ସମ୍ମିଳନୀ



ନୂଆପଡ଼ା(ନିପ୍ର): କେନ୍ଦ୍ରର ମୋଦି ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜ ଦରବାର ହଲଠାରେ ଏକ ବୁଦ୍ଧିଜୀବୀ ଓ ଅବସର ପ୍ରାପ୍ତ କର୍ମଚାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସରକାରଙ୍କ ଉପଲବ୍ଧି ସହ ଅଂଚଳର ବିକାଶ ପ୍ରସଙ୍ଗରେ ବ୍ୟାପକ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଯୋଗଦେଇଥିଲେ । ସେ କହିଲେ, କେନ୍ଦ୍ରରେ ମୋଦି ସରକାର ଲଗାତାର ୧୨ ବର୍ଷ ଧରି ସ୍ଥିରତା ସହ ଶାସନ କରି ଏକ ରେକର୍ଡ ସୃଷ୍ଟି କରିଛନ୍ତି । ଗତ ୧୨ ବର୍ଷରେ ଦେଶରେ ଐତିହାସିକ ନିଷ୍ପତି ଓ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି । ସାଂସଦ ଶ୍ରୀମତୀ ମାଳବିକା ଦେବୀ ଆହୁରି କହିଲେ ଯେ, 'ବିକଶିତ ଭାରତ - ୨୦୪୭'ର ପରିକଳ୍ପନାକୁ ସାକାର କରିବା ପାଇଁ ଦେଶର ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଓ ସହଭାଗିତା ଆବଶ୍ୟକ । ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଁଚାଇବାରେ ବୁଦ୍ଧିଜୀବୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଥିଲେ । ସମ୍ମିଳନୀରେ ଯୋଗଦେଇଥିବା ଅବସର ପ୍ରାପ୍ତ କର୍ମଚାରୀ ଓ ବୁଦ୍ଧିଜୀବୀମାନେ ଖଡ଼ିଆଳ ଅଂଚଳର ବିକାଶ ପାଇଁ କିଛି ପ୍ରମୁଖ ଦାବି ଉଠାଇଥିଲେ । ଖଡ଼ିଆଳକୁ ରେଳପଥ ସଂଯୋଗ, ତିଖାଳି ନିମ୍ନ ଇନ୍ଦ୍ରରେ ମେଗା ପାଇପ୍ ଲାଇନ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଉଦନ୍ତୀ ବ୍ୟାରେଜ ନିର୍ମାଣ, ଖଡ଼ିଆଳ ମହିଳା ଡିଗ୍ରୀ କଲେଜ ପାଇଁ ଜମି ପ୍ରଦାନ ଓ ଅସ୍ଥାୟୀ ସ୍ୱୀକୃତି । ସାଂସଦ ଏହି ସମସ୍ତ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସମ୍ମିଳନୀରେ ଅଂଚଳର ବହୁ ବୁଦ୍ଧିଜୀବୀ, ଅବସର ପ୍ରାପ୍ତ ଶିକ୍ଷକ, ସରକାରୀ କର୍ମଚାରୀ ଏବଂ ମହିଳାମାନେ ଉପସ୍ଥିତ ଥିଲେ । ଉପସ୍ଥିତ ସମସ୍ତେ ମୋଦି ସରକାରଙ୍କ ଜନହିତକର ଯୋଜନା ଯଥା ଉଜ୍ଜ୍ୱଳା, ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସୁଫଳ ବିଷୟରେ ଆଲୋଚନା କରିଥିଲେ ।ଶେଷରେ ଖଡ଼ିଆଳର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ସଂକଳ୍ପ ନିଆଯାଇଥିଲା ।



# ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପାଳିତ ହେଲା ବିଶ୍ୱ ଜନସଂଖ୍ୟା ଦିବସ

## ପରିବେଶ ସୁରକ୍ଷା, ମାନବୀୟ ମୂଲ୍ୟବୋଧ ଏବଂ କନ୍ୟାରତ୍ନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଲେ ଅତିଥି

ଭୁବନେଶ୍ୱର : ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ବାର୍କ ଆଉଟରିଚ୍ ବିଲ୍ଡିଂ ଠାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ପପୁଲେସନ୍ ରିସର୍ଚ୍ଚ ସେଂଟର ପକ୍ଷରୁ 'ଆଜି ଓ ଭବିଷ୍ୟତ ପାଇଁ ଯୁବପିଢ଼ିଙ୍କ ଆଶା ଓ ଆକାଂକ୍ଷା' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗଦେଇ କହିଥିଲେ ଯେ, 'ବିଗତ ଦଶନ୍ଧିଗୁଡ଼ିକରେ ଜନସଂଖ୍ୟା ବୃଦ୍ଧି ଏବଂ ଉପଭୋଗ ପ୍ରବୃତି ଯେଉଁଭଳି ଭାବେ ବଢ଼ିଛି, ତାହା ପୃଥିବୀର ପରିସଂସ୍ଥା ଏବଂ ପ୍ରାକୃତିକ ସମ୍ପଦ ଉପରେ ପ୍ରଚଣ୍ଡ ଚାପ ସୃଷ୍ଟି କରିଛି ।' ବିଶ୍ୱ ଜନସଂଖ୍ୟା ଦିବସ ୨୦୨୬ର ଆଭିମୁଖ୍ୟ ଉପରେ ଆଲୋଚନା କରି ସେ ଯୁବପିଢ଼ିଙ୍କୁ ଧରିତ୍ରୀର ସୁରକ୍ଷା ତଥା ଏକ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ନିଜର ଦାୟିତ୍ୱ ଉପଲବ୍ଧି କରିବାକୁ ଆହ୍ୱାନ ଦେଇଥିଲେ । ଏଥିସହ ଶିକ୍ଷା ଓ ଜନସଂପର୍କ ମାଧ୍ୟମରେ




ମାନବଜାତିର କଲ୍ୟାଣ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ସର୍ବଦା ସଚେତନତା ଅଭିଯାନ ଜାରି ରଖିବ ବୋଲି ସେ ଦୋହରାଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ ବିଲାସପୁରସ୍ଥିତ ଗୁରୁ ଘାସୀଦାସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଲୋକ କୁମାର ଚକ୍ରୱାଲ ଯୋଗଦେଇ କହିଥିଲେ ଯେ, ବିକାଶର ମୂଳଦୁଆରେ ମାନବୀୟ ମୂଲ୍ୟବୋଧ ରହିବା ଆବଶ୍ୟକ । ଆଜିର ଯୁବପିଢ଼ି ବିଶେଷକରି 'ଜେନ ଜି'ଙ୍କୁ ଜଣେ ଜଣେ ଦାୟିତ୍ୱବାନ ନାଗରିକ ଏବଂ ଦେଶ ଗଠନର ସାରଥୀ ଭାବେ ଗଢ଼ିତୋଳିବାରେ ପିତାମାତା ଓ ଗୁରୁଜନମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ମୂଲ୍ୟବୋଧଭିତିକ ଯୁବପିଢ଼ି ହିଁ ଭାରତକୁ ବିଶ୍ୱଗୁରୁ କରିବାରେ ସହାୟକ ହେବେ ।

ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁ କହିଥିଲେ, କନ୍ୟାରତ୍ନଙ୍କ ସୁରକ୍ଷା ଆଜିର ସମୟର ସବୁଠାରୁ ବଡ଼ ପ୍ରାଥମିକତା । ଜୀବନର ଗୁଣବତା ତଥା ଜନସଂଖ୍ୟା ବୃଦ୍ଧିର ମାନକୁ ସୁଧାରିବା ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି । ସେ କହିଥିଲେ ଯେ କନ୍ୟା ସନ୍ତାନମାନେ ହେଉଛନ୍ତି ଏକ ସୁସ୍ଥ, ପ୍ରଗତିଶୀଳ ଓ ସମ୍ବେଦନଶୀଳ ରାଷ୍ଟ୍ରର ମୂଳଦୁଆ । ତେଣୁ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ସଶକ୍ତିକରଣ ପାଇଁ ମିଳିତ ପ୍ରୟାସ ଜରୁରୀ ।ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ଆଇଏଲଏସର ପୂର୍ବତନ ନିର୍ଦ୍ଦେଶକ ଏବଂ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ମତବ୍ୟକ୍ତ କରିଥିଲେ ଯେ, ବିଶ୍ୱ ଏବେ ମଧ୍ୟ କୋଭିଡ ମହାମାରୀର ପ୍ରଭାବରୁ ସୁଧୁରିବା ପ୍ରକ୍ରିୟାରେ ରହିଛି । ସେ ବିଶ୍ୱ ଜନସଂଖ୍ୟାର ସାମ୍ପ୍ରତିକ ସ୍ଥିତି ଓ ମାନବଜାତି ସମ୍ମୁଖରେ ଥିବା ଆହ୍ୱାନଗୁଡ଼ିକର ଏକ ରୂପରେଖ ଉପସ୍ଥାପନ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସେମାନଙ୍କୁ ଏକ ସୁସ୍ଥ ଓ ସ୍ଥାୟୀ ଭବିଷ୍ୟତ ଗଠନରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡଃ ମୁରଲୀ ଧର ପାଢ଼ୀ, ଏମ୍ସ ଭୁବନେଶ୍ୱରର ମେଡିକାଲ୍ ସୁପରିଂଟେଣ୍ଡେଂଟ ପ୍ରଫେସର ପ୍ରଭାସ ରଞ୍ଜନ ତ୍ରିପାଠୀ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପି.ଜି. କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ ଯୁବପିଢ଼ିର ସ୍ୱାସ୍ଥ୍ୟ ସୁରକ୍ଷା, ଜନସଂଖ୍ୟା ସ୍ଥିରତା, ପରିବାର କଲ୍ୟାଣ ଏବଂ ସଚେତନ ସମାଜ ଗଠନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଗବେଷକ, ଛାତ୍ରଛାତ୍ରୀ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବହୁ ସଂଖ୍ୟାରେ ଯୋଗଦେଇ ମତ ବିନିମୟ କରିଥିଲେ । ଏହି କାର୍ଯ୍ୟକ୍ରମ ଶେଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ପପୁଲେସନ୍ ରିସର୍ଚ୍ଚ ସେଂଟରର ଡେପୁଟି ନିର୍ଦ୍ଦେଶକ ଡଃ ହିମାଂଶୁ ଶେଖର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକରେ ବରିଷ୍ଠ ନାଗରିକଙ୍କ ପାଇଁ ବିନୋଦନ କେନ୍ଦ୍ରର ଭୂମିପୂଜନ

ଭଦ୍ରକ, (ନ.ପ୍ର.) ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ଦ୍ୱାରା ଆୟୋଜିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ମାନଙ୍କ ପାଇଁ ବରିଷ୍ଠ ବିନୋଦନ କେନ୍ଦ୍ର, ଡଗମୁଣ୍ଡ, ବାଗୁରାଇ ୱାର୍ଡ ନଂ ୮ ନିକଟ ଭଦ୍ରକ ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱରେ ମହାନଦୀ କୋଲ ଫିଲଡ୍ ଲିମିଟେଡ଼ (M. C. L.)ଆର୍ଥିକ ସହାୟତା ରେ ଏକ ନବନିର୍ମିତ ବିନୋଦନ କେନ୍ଦ୍ରର ଶୁଭ ଭୂମିପୂଜନ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଉପସ୍ଥିତ ଅତିଥି ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭଦ୍ରକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଡ଼ଃ ଦିଲୀପ ରାଉତରାଏ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ଦ୍ୱାରା ସଭା ଓ ଭୂମିପୂଜନ କରାଯାଇଥିଲା । ଉକ୍ତ ବିନୋଦନ କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକୀୟ ଡ଼ି. ପି. ଆର. ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସାଧାରଣ ପରିଚାଳକ ଏମ. ସି.



ଏଲ. ବୁର୍ଲ୍ଲା ଙ୍କୁ ୧୬/୪/୨୦୨୬ ଚିଠି ଦ୍ୱାରା ଅବଗତ କରାଯାଇଛି ବୋଲି ଆଜିର ସଭାରେ ଜିଲ୍ଲାପାଳ ପ୍ରକାଶ କଲେ ଓ ଖୁବଶୀଘ୍ର ଅନୁଦାନ ରାଶି ମିଳିଗଲେ । ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ଆଜି ଭି□ପ୍ରସ୍ତର ସ୍ଥାପନ କରାଗଲା । ସାଂସଦ ଆସନ୍ତା ୨୦୨୭ ମସିହାରେ ଆପଣମାନଙ୍କ ଉଦ୍ଦେଶ୍ୟରେ ଏହା ସମ୍ପୂର୍ଣ୍ଣ କରିବାକୁ ସମସ୍ତ ଚେଷ୍ଟା ଜାରି ରଖିବି, ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ତାଙ୍କର ବକ୍ତବ୍ୟ ରଖିଲେ କି ଜିଲ୍ଲାର ସମ୍ମାନସ୍ପଦ ବୟୋଜ୍ୟେଷ୍ଠ ମାନଙ୍କ ପାଇଁ ଆମ ସରକାର ଓ ଆମ ଜିଲ୍ଲାର ମାନନୀୟ ମନ୍ତ୍ରୀ, ରାଜ୍ୟ ସଭା ସାଂସଦଙ୍କ ସହ ମିଶି ଏ ପ୍ରକଳ୍ପଟି ଖୁବ ଶୀଘ୍ର ଆପଣଙ୍କୁ ଜିଲ୍ଲା ପ୍ରଶାସନ ଜରିଆରେ ଉତ୍ସର୍ଗ କରିବୁ । ଆମ ସରକାର ଲୋକଙ୍କ ଆଶୀର୍ବାଦର ସରକାର, ଏହାକୁ ପାଥେୟ କରି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମମାନ ଆଗେଇନେବୁ । ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତ ବରିଷ୍ଠଙ୍କ ସମେତ ମ□ାସୀନ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ କିରାଣୀ ବିଦୁସଙ୍କର ନାୟକ, ମହାସଂଘ କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ଉପସଭାପତି ସଚିକାନ୍ତ ପଣ୍ଡା, ସହସମ୍ପାଦକ ବିଭୁତି ଭୂଷଣ ସେନାପତି, ବିଜୟ ସେନାପତି, ବିଚିତ୍ରାନନ୍ଦ ମହାନ୍ତି, ରାଧାରାଣୀ ମହାପାତ୍ର, ଡା. ଭଗବାନ ପରିଡା, ଭାଗବତ ତ୍ରିପାଠୀ, ଦିଲ୍ଲୀପ ନାୟକ, ଲକ୍ଷ୍ମଣ ନାୟକ, ସୁଧାକର ରାଉତ, ଅଖିଳ ପାଢ଼ୀ, ଶାନ୍ତନୁ ରାଉତ,ରାମଚନ୍ଦ୍ର କର, ଜିଲ୍ଲା ସ୍ତରରୁ ଅତୁଲ ପରିଡା, ଗୋପନାରାୟଣ ଦାସ, ମହେଶ୍ୱର ବେହେରା, ଭାସ୍କର ଚନ୍ଦ୍ର ପାଢ଼ୀ, ଭାଗିରଥି ବେହେରା, ଲକ୍ଷ୍ମୀଧର ସାହୁ, ପିତାମ୍ବର ରାଉତ, ମଦନ ମହାକୁଡ଼ ସମେତ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

# ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପାଳିତ



ଝାରସୁଗୁଡ଼ା (ନି.ପ୍ର.) ଆଂଚଳିକ ସାଧନ କେନ୍ଦ୍ର,ଖେରୁଆଲ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟ ରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ପାଳିତ ହୋଇଯାଇଛି । ପ୍ରୋକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଜପାମାଳି ଭଏଁସା,ସମ୍ମାନିତ ଅତିଥି ସୁରେନ୍ଦ୍ର ରାଉତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,ସ୍ୱତନ୍ତ୍ର ସମ୍ମାନୀତ ଅତିଥି ଜଗଦୀଶ କିସାନ ପ୍ରଧାନ ଶିକ୍ଷକ ସରକାରୀ କ୍ରମୋନ୍ନତ ଉଚ୍ଚ ବିଦ୍ୟାଳୟ,ହିର୍ମା,ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଧର୍ମେନ୍ଦ୍ର ସାହୁ ଯୋଗ ଦେଇଥିଲେ । ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ବାସୁଦେବ ଭଏଁସା,ହେମସାଗର ମେହେର,ରମାକାନ୍ତ ବିଶ୍ୱାଳ,ଗୌରୀ ଶଙ୍କର ଅଗ୍ରୱାଲ,ଚିନ୍ତାମଣି ଭଏଁସା,ଯୋଗଦାନ କରିଥିଲେ । ଶିକ୍ଷା ବର୍ଷ ୨୦୨୬-୨୭ ରେ ଅବସର ନେଇ ଥିବା ଶୋଭାରାଣୀ ପାଣିଗ୍ରାହୀ,ପି ଏମ ଶ୍ରୀ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ,ଶ୍ରୀପୁରା,ନିତ୍ୟ ରଞ୍ଜନ ସାହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁକୁରଜଙ୍ଘା,ଘାସିରାମ ତ୍ରିପାଠୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,କାଲୋପତ୍ରା,ଡକ୍ଟର ବଂଶୀଧର ପଶାୟତ ସରକାରୀ କ୍ରମୋନ୍ନତ ଉଚ୍ଚ ବିଦ୍ୟାଳୟ,ହିର୍ମା ଏବଂ ସନ୍ଧ୍ୟାରାଣୀ ପଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଖେରୁଆଲ, ଙ୍କୁ ଉପଢୌକନ ଓ ମାନପତ୍ର ସହ ସମ୍ମାନ ପ୍ରଦାନ କରାଯାଇଥିଲା । ବିଭିନ୍ନ ସ୍କୁଲ ରୁ ଆସିଥିବା ପ୍ରଧାନ ଶିକ୍ଷକ ଗୌରାଙ୍ଗ ବୁଡା,ଗୀତାଞ୍ଜଳି ମଧୁମିତା,ଗୋଦାବରୀ ମନ୍ଦୋଦରୀ,ସଂଜୀବ ତ୍ରିପାଠୀ,ବନିତା ସେଠ,ସଚିନ ବେହେରା,ଏବଂ ଶିକ୍ଷକ ସୁଧୀର ବାରିକ,ଅମରେଶ ନାୟକ,ଅନୁସୂୟା କର୍ତା,ସରିତା ପଟେଲ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ସୁଶାନ୍ତ ପଶାୟଚ ମଂଚ ପରିଚାଳନା କରିଥିଲେ ଏବଂ ମାନସୀ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ଚତୁର୍ଥ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ଦିଶା ବୈଠକ ଅନୁଷ୍ଠିତ

ଭଦ୍ରକ(ନି.ପ୍ର.) ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଚତୁର୍ଥ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ତଥା ଭଦ୍ରକ ଲୋକ ସଭା ସଦସ୍ୟ ଅଭିମନ୍ୟୁ ସେଠୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସିତାଂଶୁ ଶେଖର ମହାପାତ୍ର , ବାସୁଦେବପୁର ବିଧାୟକ ଅଶୋକ ଦାସ,ଭଣ୍ଡାରି ପୋଖୋରି ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲାପାଳ ଡକ୍ଟର ଦିଲୀପ ରାଉତରାୟ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ ପୁହାଣ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଙ୍କ ସମେତ ପ୍ରଶାସନ ଅଧିକାରୀ, ସମସ୍ତ ପଂଚାୟତ ସମିତି ଅଧ୍ୟକ୍ଷ, ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଯୋଗ ଦେଇ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ନିର୍ବାଚିତ ଜନପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସୁଦୃଢ଼ ସମନ୍ୱୟ ରହିବା, ସାଧାରଣ ଲୋକ ଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସମସ୍ତ ବିଭାଗ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ବର୍ଷା ଯୋଗୁଁ ଖରାପ ହୋଇଥିବା ରାସ୍ତାଗୁଡ଼ିକୁ ତୁରନ୍ତ ମରାମତି କରିବା ଏବଂ ନାଳ ଗୁଡ଼ିକରେ ଜମିଥିବା ଜଳକୁ ନିଷ୍କାସନ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେବା, ଜିଲ୍ଲାର ଚିକିତ୍ସାଳୟ, ଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଗଲା । ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଜାତୀୟ ରାଜପଥ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପି ଏମ୍ ଫସଲ ବୀମା ଯୋଜନା, ପାନୀୟ ଜଳ ଯୋଗାଣ, ନଳକୂପ ଖନନ, ସମବାୟ ସମିତି, ମଡେଲ ମଣ୍ଡି, ମେଡିକାଲ କଲେଜ, ପର୍ଯ୍ୟଟନ, ବ୍ରିଜ୍ ନିର୍ମାଣ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପାରମ୍ପରିକ କୃଷି ବିକାଶ, ଖାଦ୍ୟ ସୁରକ୍ଷା ଯୋଜନା, ଜଳସେଚନ, ବାଇପାସ୍ ରାସ୍ତା, ଆହାର କେନ୍ଦ୍ର, ଶିକ୍ଷା ଓ ଚିକିତ୍ସା ଆଦି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଶ୍ରୀ ରାଉତରାୟ ଜିଲ୍ଲାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ବିଇଏମ୍‌ରେ ସିଆଇଏସସିଇ ଜୋନାଲ ଆଥଲେଟିକ୍ସ

ଝାରସୁଗୁଡା(ନି.ପ୍ର.) ୮ଟି ବିଦ୍ୟାଳୟ ର ୧୫୦ ଜଣ ପ୍ରତିଯୋଗୀ । ବେଲପାହାଡ଼ ସ୍ଥିତ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ରେ ସିଆଇଏସସିଇ ଜୋନାଲ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଶନିବାର ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଝାରସୁଗୁଡା ଜୋନ ର ୮ଟି ଆଇସିଏସସିଇ ବିଦ୍ୟାଳୟ ର ୧୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଶନିବାର ଦିନ ସକାଳେ ହୋଇଯାଇ ଥିବା ଉଦଘାଟନୀ ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟି ର ଉପସଭାପତି ମନୋଜ କୁମାର ପଟେଲ ମୁଖ୍ୟ ଅତିଥି ଭାବର ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଅମ୍ବରିଶ ପୋଷ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ର ଶାରିରୀକ ଶିକ୍ଷା ବିଭାଗର ମୁଖ୍ୟ ତଥା ପ୍ରତିଯୋଗିତାର କୋଡିନେଟର ହମିଦ କୁମାର




ମହାପାତ୍ର ପ୍ରତିଯୋଗୀତା ବିଷୟରେ ସୂଚନା ଦେଇଥିଲେ । ବିଦ୍ୟାଳୟ ର ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ହୋଇଯାଇଥିବା ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବେଲପାହାଡ଼ ଏଜୁକେଶନ ସୋସାଇଟି ତଥା ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ର ପରିଚାଳନା କମିଟି ର ସଭାପତି କୁମାର ହେରମ୍ବ ନାରାୟଣ ନାଏକ ଉପସ୍ଥିତ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ମେଡେଲ ପ୍ରଦାନ କରି ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ର ସମ୍ପାଦକ ଅମ୍ବରିଶ ଘୋଷ ଓ ଡାନିଏଲ ଗ୍ରୁପ୍ସ ଅଫ ବିଦ୍ୟାଳୟ ବ୍ରଜରାଜନଗର ର ଡାଇରେକ୍ଟର ଡ. ବିଜୟ କୁମାର ପଟ୍ଟନାୟକ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ହମିଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ପ୍ରତୀକ ମହାନ୍ତି ମଂଚ ପରିଚାଳନା କରିଥିଲେ । ସୁନ୍ଦରଗଡ଼ ର ସେଂଟ ଟେରେସା ବିଦ୍ୟାଳୟ, ସମ୍ବଲପୁର ର ସେଂଟ ଜୋସେଫ , ଝାରସୁଗୁଡା ର ସେଂଟ ମେରି, ସେଂଟ ଥୋମାସ ,ଏସେମ୍ବ୍ଲି ଅଫ ଗଡ଼, ବ୍ରଜରାଜନଗର ର ଶିକ୍ଷା ନିକେତନ ଓ ଡାନିଏଲ ପବ୍ଲିକ ସ୍କୁଲ ଓ ବେଲପାହାଡ଼ ର ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ୧୪ ବର୍ଷରୁ କମ୍,୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବିଭାଗର ଉଭୟ ବାଳକ ଓ ବାଳିକା ମାନଙ୍କର ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳୀ ମାନେ ଆସନ୍ତା ମାସ ରେ ହେବାକୁ ଥିବା ରିଜିଓନାଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି ।

# ବିଏଡିଓ ଓ ବିଧାୟିକାଙ୍କ ବିରୋଧରେ ସରପଂଚଙ୍କ ପ୍ରତିବାଦ

ବାରିପଦା(ନି.ପ୍ର.): ଶ୍ୟାମାଖୁଂଟା ବ୍ଲକ ପ୍ରଶାସନ ଓ ସ୍ଥାନୀୟ ବିଧାୟିକାଙ୍କ କାର୍ଯ୍ୟଶୈଳୀକୁ ନେଇ ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବ୍ଲକରେ ବ୍ୟାପକ ପିସି କାରବାର ଚାଲିଥିବା ଏବଂ ବିକାଶମୂଳକ କାର୍ଯ୍ୟରେ ପିଆରଆଇ (ପଂଚାୟତରାଜ ନିର୍ବାଚିତ) ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଉଥିବାର ଅଭିଯୋଗ ହୋଇଛି । ଏନେଇ 'ଶ୍ୟାମାଖୁଂଟା ବ୍ଲକ ବିକାଶ ମଂଚ' ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ସରପଂଚ ଓ ସମିତି ସଭ୍ୟ ମାନେ ସଙ୍ଗୀନ ଅଭିଯୋଗ ଅଣାଯାଇଛି । ବାଉଁଶବିଲା ଗ୍ରାମ ପଂଚାୟତର ସରପଂଚ ଲମ୍ବୋଦର ସିଂ ଏବଂ ବାଲିଆର ଜନପ୍ରତିନିଧି ଗୁରୁପ୍ରସାଦ ଡାଙ୍ଗୁଆ ଅଭିଯୋଗ କରିଛନ୍ତି ଯେ, ଶ୍ୟାମାଖୁଂଟା ବ୍ଲକ ବିଡିଓ ସିଧାସଳଖ ୧୦ ପ୍ରତିଶତ ପିସି ମାଗୁଛନ୍ତି । 'ବିକଶିତ ଗ୍ରାମ, ବିକଶିତ ଓଡ଼ିଶା' ଯୋଜନାରେ ପୂର୍ବରୁ ବିଧାୟକଙ୍କ ପାଣ୍ଠି ୪୦% ଏବଂ ପିଆରଆଇ ସଭ୍ୟଙ୍କ ଜରିଆରେ ୬୦% କାର୍ଯ୍ୟ ହେବାର ସମନ୍ୱୟ ରହିଥିଲା । ମାତ୍ର ବର୍ତମାନ ବିଏଡିଓ ଓ ବିଧାୟିକା ସଞ୍ଜଳୀ ମୁର୍ମୁ ମିଶି ୧୦୦ ପ୍ରତିଶତ କାର୍ଯ୍ୟ ଶାସକ ଦଳର କର୍ମୀଙ୍କ ଦ୍ୱାରା କରାଇବାକୁ ଚକ୍ରାନ୍ତ କରୁଛନ୍ତି । ଯାହା ଫଳରେ ଗ୍ରାମପଂଚାୟତ ଗୁଡ଼ିକରେ ବିକାଶ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଜନ ପ୍ରତିନିଧି ମାନେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଗତ ମେ' ୫ ତାରିଖରେ ଶିକ୍ଷା ବିଭାଗ ତରଫରୁ ବିଦ୍ୟାଳୟ ଗୁଡ଼ିକର ମରାମତି ପାଇଁ ଆସିଥିବା ସରକାରୀ ଅନୁଦାନର କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କିମ୍ବା କୌଣସି ପିଆରଆଇ ସଭ୍ୟଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ବରଂ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ସରକାରୀ କାର୍ଯ୍ୟକ୍ରମରେ ବିଧାୟିକାଙ୍କ ପିତାଙ୍କୁ ମୁଖ୍ୟ ଅତିଥି କରି ବିଡିଓଙ୍କ ଉପସ୍ଥିତିରେ ଫିତା କଟାଯାଇଥିଲା । ଯାହାକି ଅତ୍ୟନ୍ତ ନିନ୍ଦନୀୟ ଅଟେ । ବିଡିଓ ଜଣେ ସରକାରୀ ଅଧିକାରୀ ନୁହନ୍ତି, ବରଂ ବିଜେପି ଦଳର ଜଣେ କର୍ମୀ ଭଳି କାର୍ଯ୍ୟ କରୁଛନ୍ତି ବୋଲି ସେମାନେ କହିଛନ୍ତି । ଏହି ଦୁର୍ନୀତି ବିରୋଧରେ ଗତ ଜୁଲାଇ ୭ ଓ ୮ ତାରିଖରେ ବିକାଶ ମଂଚ ପକ୍ଷରୁ ସମସ୍ତ ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ସହମତିରେ ଏକ ପ୍ରତିବାଦ ଧାରଣା ଦିଆଯାଇଥିଲା । ଅଭିଯୋଗ ଅନୁଯାୟୀ, ଶାସକ ବିଜେପି ଦଳର କିଛି ନେତା ଓ ସମିତି ସଭ୍ୟ (ସୋମନାଥ ସିଂ ଓ ମାନସ କୁମାର ଦାସ) ଧାରଣାରେ ବସିଥିବା ପ୍ରତିନିଧି ମାନଙ୍କୁ କଣ୍ଠରୋଧ କରିବାକୁ ଚେଷ୍ଟା କରିବା ସହ ମଂଚ ଭାଙ୍ଗି ଦେଇଥିଲେ । ଜନପ୍ରତିନିଧି ମାନଙ୍କୁ ଧମକ ଚମକ ମଧ୍ୟ ଦେଇଥିଲେ । ଏ ସମ୍ପର୍କରେ ବାରିପଦା ସଦର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ ପୋଲିସ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ।ସାମ୍ବାଦିକ ସମ୍ମିଳନୀରେ ସିନ୍ଦୂରଗୌରା ଗ୍ରାମପଂଚାୟତର ସରପଂଚ ଆକାଶ ସିଂଙ୍କ ମାଧ୍ୟମରେ ବ୍ଲକ ଅଧ୍ୟକ୍ଷ ଚନ୍ଦ୍ରମୋହନ ସିଂ ଏବଂ ଉପାଧ୍ୟକ୍ଷା ନମିତା ସିଂ ମୋଟା ଅଙ୍କର ଅର୍ଥ କାରବାର କରି ବିଜେପି ଦଳରେ ସାମିଲ ହୋଇଥିବା ନେଇ ଚର୍ଚ୍ଚା ହେଉଛି । ପୂର୍ବରୁ ଯେଉଁ ଅଧ୍ୟକ୍ଷ ବିଡିଓଙ୍କ ବିରୋଧରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇ ଅନଶନର ଧମକ ଦେଇଥିଲେ । ସେ ଏବେ ମୋଟା ଅଙ୍କର ଅର୍ଥ ପାଇ ବିଡିଓଙ୍କୁ ସମର୍ଥନ କରୁଛନ୍ତି । ଯାହା ଶ୍ୟାମାଖୁଂଟା ବ୍ଲକ ରାଜନୀତିରେ ଏକ ଲଜ୍ଜାଜନକ ବିଷୟ ବୋଲି ମଂଚର ସଦସ୍ୟ ମାନେ ପ୍ରକାଶ କରିଛନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଶ୍ୟାମାଖୁଂଟା ବ୍ଲକ ଅନ୍ତର୍ଗତ ବାଉଁଶବିଲ୍ଲା ସରପଂଚ ଲମ୍ବୋଦର ସିଂ, ବାଲିଡିହା ସମିତି ସଭ୍ୟ ଗୁରୁ ପ୍ରସାଦ ଡ଼ାଙ୍ଗୁଆ, କେନ୍ଦୁଆ ସରପଂଚ ମଲ୍ଲୀ ମାଝି, ଗୁଣ୍ଡିହୁଡ଼ି ସରପଂଚ ମାଳତୀ ମୁର୍ମୁ ସହ ବହୁ ଜନପ୍ରତିନିଧି ଉପସ୍ଥିତ ରହି ପ୍ରଶାସନିକ ସ୍ୱେଚ୍ଛାଚାରିତା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏହାସହିତ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇଛନ୍ତି ।

# ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ସାରସ୍ୱତ ସନ୍ଧ୍ୟା

କଟକ: (ନି. ପ୍ର.)ବିଜୁପଟ୍ଟନାକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନ ଠାରେ ସାରଳା ସଂସଦ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୫ ଜଣ ପ୍ରତିଭାଧାରୀ ଔପନ୍ୟାସିକ ଶ୍ରୀ ପ୍ରସନ୍ନ କୁମାର ମହାପାତ୍ର, ସାହିତ୍ୟିକ ଶ୍ରୀ ନନ୍ଦ କିଶୋର ସିଂହ, କବି ଇଂ ଗଗନ ବିହାରୀ ଛାଟୋଇ, କବୀ ଶ୍ରୀମତୀ ନିରୂପମା ସ୍ୱାଇଁ ଓ କଥାଶିଳ୍ପୀ ଇଂ ଅଜୟ କୁମାର ମହାପାତ୍ରଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା



।ଉକ୍ତ ଉତ୍ସବରେ ଉଦ୍ ?ଘାଟକ ଭାବରେ ବିଶିଷ୍ଟ କବି ପ୍ରାକ୍ତନ ନ୍ୟାୟଧୀଶ ମାନ୍ୟବର ଡକ୍ଟର ଜଷ୍ଟିସ ଦୁର୍ଗା ପ୍ରସନ୍ନ ଚୌଧୁରୀ ,ମୁଖ୍ୟ ଅତିଥି ବରିଷ୍ଠ ପ୍ରଶାସକ ଓ ବିଶିଷ୍ଟ କବି ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ ,ବିଶିଷ୍ଟ ଅତିଥି ପ୍ରଫେସର ଡ.ସତ୍ୟନାରାୟଣ ପଣ୍ଡା,ମୁଖ୍ୟ ବକ୍ତା ଡ. ବାସୁଦେବ ସୁନାନୀ,ସଭାମୁଖ୍ୟ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ତଥା ସଭାପରିଚାଳନା କରିଥିଲେ ଡ. ଇଂ ପ୍ରଭାକର ସ୍ୱାଇଁ, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ନାଟ୍ୟକାର ସଂଜିତ କୁମାର ପଟ୍ଟନାୟକ, ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ଏବଂ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ୧୦୦ ମିଟର ଦୌଡ଼କୁ ମାତ୍ର ୧୦.୧୪ ସେକେଣ୍ଡରେ ଶେଷ କରିଥିବା ଓଡ଼ିଶାର ସ୍ପ୍ରିଂଟର ଅନିମେଶ କୁଜୁରଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ୧୦୦ ମିଟର ଦୌଡ଼କୁ ମାତ୍ର ୧୦.୧୪ ସେକେଣ୍ଡରେ ଶେଷ କରିଥିବା ଓଡ଼ିଶାର ସ୍ପ୍ରିଂଟର ଅନିମେଶ କୁଜୁରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜର୍ମାନୀରେ ଅନୁଷ୍ଠିତ 'ଫାଷ୍ଟ ଆର୍ମସ ଫାଷ୍ଟ ଲେଗ୍ସ' ମିଟ୍‌ର ୧୦୦ ମିଟର ଦୌଡ଼କୁ ମାତ୍ର ୧୦.୧୪ ସେକେଣ୍ଡରେ ଶେଷ କରି ଓଡ଼ିଶାର ପ୍ରତିଭାବାନ ସ୍ପ୍ରିଂଟର ଅନିମେଶ କୁଜୁର ବିଦେଶ ମାଟିରେ ଜଣେ ଭାରତୀୟ ସ୍ପ୍ରିଂଟର ଭାବେ ଦ୍ରୁତତମ ସମୟର ଏକ ଅସାଧାରଣ କୀର୍ତ୍ତିମାନ ସ୍ଥାପନ କରିବା ସହ ଆମ ରାଜ୍ୟ ଓ ସମଗ୍ର ଦେଶକୁ ଗୌରବାନ୍ୱିତ କରିଛନ୍ତି । ବିଶ୍ୱ ଆଥଲେଟିକ୍ସ ମଂଚରେ ତାଙ୍କର ଏହି ଅସାଧାରଣ ସଫଳତା ଆମର ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଆଗକୁ ବଢ଼ିବା ପାଇଁ ନିଶ୍ଚିତ ଭାବେ ପ୍ରେରିତ କରିବ । ଅନିମେଶଙ୍କୁ ଅନେକ ଶୁଭକାମନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ କାମନା କରୁଛି ।



# ଦେଶବ୍ୟାପୀ ମୌସୁମୀ ସକ୍ରିୟ : ୧୮ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା



ନୂଆଦିଲ୍ଲୀ : ଜୁଲାଇ ମାସର ଅଧା ସରିବାକୁ ବସିଥିବା ବେଳେ ସାରା ଦେଶରେ ମୌସୁମୀ ବର୍ଷା ତାର ପୂର୍ଣ୍ଣ ପ୍ରଭାବ ଦେଖାଇବା ଆରମ୍ଭ କରିଛି । ଭାରତୀୟ ପାଣିପାଗ ବିଭାଗ ର ସଦ୍ୟତମ ପୂର୍ବାନୁମାନ ଅନୁଯାୟୀ, ଆଜି ଉତର, ପୂର୍ବ ଏବଂ ଉତର-ପୂର୍ବ ଭାରତର ପ୍ରାୟ୧୮ଟି ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷାହେବାର ସମ୍ଭାବନା ରହିଛି । କେତେକ ସ୍ଥାନରେ ବଜ୍ରପାତ, ଘଡ଼ଘଡ଼ି, ପ୍ରବଳ ପବନ ସହ ଜଳବନ୍ଦୀ ଓ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ । ଆଇଏମଡି ଅନୁଯାୟୀ ବଙ୍ଗୋପସାଗରରୁ ଉତର ଭାରତ ପର୍ଯ୍ୟନ୍ତ ମୌସୁମୀ ସକ୍ରିୟ ରହିଛି । ଏହା ସହ ଏକାଧିକ ଘୂର୍ଣ୍ଣିବଳୟର ପ୍ରଭାବ ଯୋଗୁଁ ଆଗାମୀ ୨୪ ଘଂଟା ମଧରେ ଦେଶର ଅଧିକାଂଶ ଅଂଚଳରେ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି । ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ବିଶେଷକରି ଆସାମ ଓ ମେଘାଳୟ ପାଇଁ ଅତି ପ୍ରବଳ ବର୍ଷା ସତର୍କତା ଜାରି କରାଯାଇଛି । ପାହାଡ଼ିଆ ଅଂଚଳରେ ଭୂସ୍ଖଳନ, ରାସ୍ତା ବନ୍ଦ ଓ ନଦୀ ଜଳସ୍ତର ବୃଦ୍ଧିର ଆଶଙ୍କା ରହିଛି । ବିହାର, ଝାଡ଼ଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ, ଉପ-ହିମାଳୟ ପଶ୍ଚିମବଙ୍ଗ ଓ ସିକିମରେ ମଧ ପ୍ରବଳ ବର୍ଷା ପୂର୍ବାନୁମାନ କରାଯାଇଛି । ବିହାରର କେତେକ ଜିଲ୍ଲାରେ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇପାରେ ।



# ନିଶାମୁକ୍ତ ଓଡ଼ିଶା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କଲେ ରାଜ୍ୟ ସରକାର

ଭୁବନେଶ୍ୱର : ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟ ସରକାର



ଏକ ବ୍ୟାପକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛନ୍ତି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି କାର୍ଯ୍ୟ ଯୋଜନାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି । ଏହି ଯୋଜନା ପାଇଁ ମୋଟ ୪ କୋଟି ୬୨ ଲକ୍ଷ ଟଙ୍କାର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି । ଏହା ଅଧୀନରେ ସ୍କୁଲରୁ ଆରମ୍ଭ କରି ପଂଚାୟତ ସ୍ତର ପର୍ଯ୍ୟନ୍ତ ନିଶା ବିରୋଧୀ ସଚେତନତା ଅଭିଯାନ ଚାଲିବ । ଯୋଜନା ଅନୁଯାୟୀ, ରାଜ୍ୟର ୧୫୦ଟି ସ୍କୁଲ ଓ କଲେଜରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ କରାଯିବ । ଏହା ସହିତ ମାରାଥନ, ୱାକାଥନ, ସାଇକେଲ ରାଲି ଓ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିପାଇଁ ୧ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି । ନିଶାମୁକ୍ତ ଅଭିଯାନକୁ ତୃଣମୂଳ ସ୍ତରକୁ ପହଂଚାଇବା ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକରେ ନିଶା ବିରୋଧୀ କାର୍ଯ୍ୟକ୍ରମ କରାଯିବ । ସମସ୍ତ ବ୍ଲକରେ ଆଂଟି-ଡ୍ରଗ୍ କମିଟି ବୈଠକ ଆୟୋଜନ କରାଯିବ । ଏହାସହ ୩୦୦ଟି ପଂଚାୟତରେ ନିଶାମୁକ୍ତ ସଚେତନତା ଅଭିଯାନ ଚାଲିବ । ପ୍ରତ୍ୟେକ ଜିଲ୍ଲାରେ ୫୦ ଜଣ 'ନଶା ମୁକ୍ତ ମିତ୍ର'ଙ୍କୁ ସାମିଲ କରି ଜନସଚେତନତା ବୃଦ୍ଧି କରାଯିବ । ଯୋଜନାର ଅନ୍ୟ ଏକ ଅଂଶ ଭାବେ ୭୬.୪୦ ଲକ୍ଷ ଟଙ୍କା ବ୍ୟୟରେ ୧,୫୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ମୋବିଲାଇଜ୍ କରାଯିବ । ସେମାନେ ନିଶାର କୁପ୍ରଭାବ ସମ୍ପର୍କରେ ସମାଜରେ ସଚେତନତା ସୃଷ୍ଟି କରିବେ ।

# ଆଜିଠୁ ୫ ଦିନିଆ ବିଦେଶ ଗସ୍ତରେ ଯିବେ କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ

ନୂଆଦିଲ୍ଲୀ : କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଜୁଲାଇ ୧୩ ରୁ ୧୭ ଯାଏ ସ୍ପେନ, ବେଲଜିୟମ ଏବଂ ଫିନଲ୍ୟାଣ୍ଡ ଗସ୍ତ କରିବେ । ଏହି ଗସ୍ତ ସମୟରେ ସେ ଭାରତ-ୟୁରୋପୀୟ ସଂଘ (ୟୁରୋପୀୟ ସଂଘ) ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍. ଟି. ଏ.) ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଏହା ବାଦ ସେ ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ଏବଂ ପ୍ରଯୁକ୍ତି ପରିଷଦ (ଟି. ଟି. ସି.) ମନ୍ତ୍ରୀସ୍ତରୀୟ ବୈଠକରେ ଅଂଶଗ୍ରହଣ କରିବେ ଏବଂ ବାଣିଜ୍ୟ, ନିବେଶ, ସ୍ୱଚ୍ଛ ଶକ୍ତି, ଉଦୀୟମାନ ପ୍ରଯୁକ୍ତି ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଲାଗି ବିଭିନ୍ନ ଦେଶର ନେତୃବୃନ୍ଦ ଏବଂ ଶିଳ୍ପ ପ୍ରତିନିଧିମାନଙ୍କୁ ଭେଟିବେ । କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ରବିବାର ଦିନ କହିଛି ଯେ ଗୋୟଲ ଉଚ୍ଚ ସ୍ତରୀୟ ଭାରତୀୟ ବ୍ୟବସାୟିକ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେବେ । ଏହି ପ୍ରତିନିଧି ଦଳରେ ଉନ୍ନତ ଉତ୍ପାଦନ, ସ୍ୱଚ୍ଛ ଶକ୍ତି, ଡିଜିଟାଲ ପ୍ରଯୁକ୍ତି, ରତ୍ନ ଓ ଅଳଙ୍କାର, ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟସେବା ଏବଂ ଡିଜାଇନ କ୍ଷେତ୍ରରେ ଅଗ୍ରଣୀ ଭାରତୀୟ କମ୍ପାନୀଗୁଡ଼ିକର ପ୍ରତିନିଧିମାନେ ସାମିଲ ହେବେ । ୟୁରୋପ ସହିତ ଭାରତର ଆର୍ଥିକ ଭାଗିଦାରୀକୁ



ଆହୁରି ସୁଦୃଢ଼ କରିବା ଏବଂ ନିବେଶ ଏବଂ ପ୍ରଯୁକ୍ତି ସହଯୋଗକୁ ଏକ ନୂତନ ଦିଗ ପ୍ରଦାନ କରିବା ଦୃଷ୍ଟିରୁ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଏହି ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୧୩ ତାରିଖରେ ଗୋୟଲ ସ୍ପେନରେ ପହଂଚିବେ । ସେଠାରେ ସେ ସ୍ପେନର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ଅର୍ଥବ୍ୟବସ୍ଥା, ବାଣିଜ୍ୟ ଏବଂ ବ୍ୟବସାୟ ମନ୍ତ୍ରୀ କାର୍ଲୋସ କ୍ୟୁର୍ପୋ କାବାଲେରୋ, ଶିଳ୍ପ ଏବଂ ପର୍ଯ୍ୟଟନ ମନ୍ତ୍ରୀ ଜୋର୍ଡି ହାରୁ ବୋହର୍ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୋସ୍ ମାନୁଏଲ୍ ଆଲବାରେସ୍ ବୁଏନୋଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ଏହା ବ୍ୟତୀତ ସେ ଭାରତ-ସ୍ପେନ୍ ବ୍ୟବସାୟିକ ଗୋଲଟେବୁଲ ବୈଠକରେ ଅଧକ୍ଷତା କରିବେ, ଯେଉଁଥିରେ ଉଭୟ ଦେଶର ଶିଳ୍ପପତିମାନେ ଯୋଗଦେବେ । ସ୍ପେନରେ ଆୟୋଜିତ ବିଭିନ୍ନ ବ୍ୟବସାୟିକ ବୈଠକରେ ଅଟୋମୋବାଇଲ, ଅକ୍ଷୟ ଶକ୍ତି, ରେଳବାଇ, ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏ. ଆଇ.), ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାର ସମ୍ଭାବନା ଉପରେ ଆଲୋଚନା ହେବ । ଅନେକ ପ୍ରମୁଖ ସ୍ପେନୀୟ କମ୍ପାନୀ ଭାରତରେ ନିବେଶ କରିସାରିଥିବା ବେଳେ ଭାରତୀୟ କମ୍ପାନୀଗୁଡ଼ିକ ମଧ ସ୍ପେନରେ ନିଜର ବ୍ୟବସାୟ ସମ୍ପ୍ରସାରଣ କରୁଛନ୍ତି । ଭାରତ ଏବଂ ସ୍ପେନ ମଧ୍ୟରେ କୂଟନୈତିକ ସମ୍ପର୍କର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ କରାଯାଉଥିବା 'ସ୍ପେନ-ଭାରତ ଦ୍ୱୈତ ବର୍ଷ ୨୦୨୬' ଅବସରରେ ଏହି ଗସ୍ତ ଅନୁଷ୍ଠିତ ହେଉଛି ।

# ଟେକ୍ନୋଲୋଜି ଏବଂ ମିଳିତ ସାମରିକ କ୍ଷମତା ଭବିଷ୍ୟତର ଯୁଦ୍ଧରେ ନିର୍ଣ୍ଣାୟକ ହେବ : ଜେନେରାଲ ଅନିଲ ଚୌହାନ

ଡେରାଡୁନ : ପୂର୍ବତନ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସି. ଡି. ଏସ୍.) ଜେନେରାଲ ଅନିଲ ଚୌହାନ (ଅବସରପ୍ରାପ୍ତ) କହିଛନ୍ତି ଯେ ପ୍ରଯୁକ୍ତି, ମିଳିତ ସାମରିକ କ୍ଷମତା ଏବଂ ବହୁମୁଖୀ ରଣନୀତି ଭବିଷ୍ୟତର ଯୁଦ୍ଧରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ସମୟର ଆବଶ୍ୟକତା ହେଉଛି ଯୁଦ୍ଧର ପରିବର୍ତ୍ତିତ ପ୍ରକୃତି ସହିତ ଖାପଖୁଆଇବା ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ପାଇଁ ସଶସ୍ତ୍ର ବାହିନୀକୁ ନିରନ୍ତର ପ୍ରସ୍ତୁତ କରିବା । ରବିବାର ଦିନ ସୈନିକ ଇନଷ୍ଟିଚ୍ୟୁଟ ଗଡ଼ି କ୍ୟାଂଟରେ ଅଖିଳ ଭାରତୀୟ ଗୋର୍ଖା ପୂର୍ବତନ ସୈନିକ କଲ୍ୟାଣ ସଂଘ ଦ୍ୱାରା ଆୟୋଜିତ ଏକ ସମ୍ମାନ ସମାରୋହକୁ ସମ୍ବୋଧିତ କରି ଅନିଲ ଚୌହାନ କହିଛନ୍ତି ଯେ ସେ ୪୭ ବର୍ଷର ସାମରିକ ସେବା ପରେ ଅବସର ନେଇଛନ୍ତି ।ସି. ଡି. ଏସ୍. ଭାବେ ତାଙ୍କର କାର୍ଯ୍ୟକାଳ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଥିଲା । ସେ କହିଥିଲେ ଯେ ସୈନିକ ସବୁବେଳେ ଯୁଦ୍ଧରେ ଲଢ଼ନ୍ତି ନାହିଁ, କିନ୍ତୁ ଅଧିକାଂଶ ସମୟ ଯୁଦ୍ଧ ପାଇଁ ପ୍ରସ୍ତୁତି, ରଣନୀତି ପ୍ରସ୍ତୁତ କରିବା ଏବଂ ବିଭିନ୍ନ ବିକଳ୍ପ ସହିତ ସମନ୍ୱୟ ରକ୍ଷା କରିବାରେ ବିତାନ୍ତି । ସେ କହିଥିଲେ ଯେ ଯୁଦ୍ଧରେ ବିଜୟ ହେଉଛି ଲକ୍ଷ୍ୟ ଏବଂ ପରାଜୟ



କୌଣସି ବିକଳ୍ପ ନୁହେଁ । ସେ କହିଥିଲେ ଯେ ୨୦୨୫ ମସିହା ମେ ମାସରେ ପାକିସ୍ତାନ ସହ ହୋଇଥିବା ସଂଘର୍ଷରେ ଭାରତର ସଫଳତା ଏକ ପ୍ରମୁଖ ସଫଳତା ଥିଲା । ଅପରେସନ ସିନ୍ଦୁର ମିଳିତ ସାମରିକ ଅପରେସନ, ଏକୀକରଣ ଏବଂ ସମନ୍ୱିତ ରଣନୀତିର ଏକ ଉଦାହରଣ ଥିଲା, ଯାହା ତିନି ବର୍ଷ ପୂର୍ବରୁ ପ୍ରସ୍ତୁତ କରାଯାଇଥିଲା । ଏହି ଯୁଦ୍ଧରେ ଜଳ, ସ୍ଥଳ ଏବଂ ବାୟୁସେନା ସହିତ ମହାକାଶ ଏବଂ ସାଇବର କ୍ଷେତ୍ର ସାମର୍ଥ୍ୟର ପ୍ରଭାବଶାଳୀ ବ୍ୟବହାର ଦେଖିବାକୁ ମିଳିଥିଲା । ଏହି ଅପରେସନର ସଫଳତା ଭାରତୀୟ ସଶସ୍ତ୍ର ବାହିନୀ ପାଇଁ ସନ୍ତୋଷଜନକ ବୋଲି ସେ କହିଥିଲେ । ଜେନେରାଲ ଚୌହାନ କହିଥିଲେ ଯେ ଭବିଷ୍ୟତର ଯୁଦ୍ଧରେ ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଅପରିହାର୍ଯ୍ୟ ହେବ । ପ୍ରତ୍ୟେକ ଯୁଦ୍ଧ ଭିନ୍ନ ଏବଂ ସେହି ଅନୁଯାୟୀ ନୂତନ କୌଶଳ ବିକଶିତ କରିବାକୁ ପଡିବ । ସେନା ପାଇଁ ନିରନ୍ତର ନୂଆ ନୂଆ ପ୍ରଯୁକ୍ତି ଶିଖିବା ଏବଂ ପରିବର୍ତ୍ତିତ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେ କହିଥିଲେ ଯେ ପରିବର୍ତ୍ତନ ହେଉଛି ପ୍ରକୃତିର ନିୟମ ଏବଂ ସାମରିକ ବ୍ୟବସ୍ଥା ଏହା ଦ୍ୱାରା ଅସ୍ପୃଶ୍ୟ ରହିପାରିବ ନାହିଁ । ସଶସ୍ତ୍ର ବାହିନୀ ପ୍ରତି ଦେଶବାସୀଙ୍କ ବିଶ୍ୱାସ ଏବଂ ସ୍ନେହ ହେଉଛି ସେମାନଙ୍କର ସବୁଠାରୁ ବଡ଼ ପରମ୍ପରା । ଏହି ସମ୍ମାନ କୌଣସି ବ୍ୟକ୍ତି ପାଇଁ ନୁହେଁ, ବରଂ ସଂସ୍ଥା ପାଇଁ । ତେଣୁ ପ୍ରତ୍ୟେକ ସୈନିକ ନିଜର କର୍ତବ୍ୟ, ଶୃଙ୍ଖଳା, ସଚ୍ଚୋଟତା ଏବଂ ସଚ୍ଚୋଟତାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଉଚିତ ।

# ଆଇଏନଏସ ମହେନ୍ଦ୍ରଗିରି ନୌସେନାରେ ସାମିଲ ଭାରତୀୟଙ୍କ ପାଇ ଗର୍ବର ବିଷୟ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର : ବିଶାଖାପାଟଣାରେ ଅତ୍ୟାଧୁନିକ ପି ୧୭ଏ ଷ୍ଟିଲଥ୍



ଫ୍ରିଗେଟ୍ 'ଆଇଏନଏସ ମହେନ୍ଦ୍ରଗିରି' ଭାରତୀୟ ନୌସେନାରେ ସାମିଲ ହେବାକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖୁସି ବ୍ୟକ୍ତ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହଙ୍କ ଉପସ୍ଥିତିରେ ଏହି ଯୁଦ୍ଧଜାହାଜ ନୌସେନାରେ ସାମିଲ ହେବାକୁ ସମସ୍ତ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ମୁହୂର୍ତ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ସେ କହିଛନ୍ତି ଯେ, ଓଡ଼ିଶାର ମହେନ୍ଦ୍ରଗିରି ପର୍ବତମାଳାର ନାମରେ ନାମିତ ଏହି ଯୁଦ୍ଧଜାହାଜ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପର ଏକ ଉଜ୍ଜ୍ୱଳ ଉଦାହରଣ । ସେ ଆହୁରି କହିଛନ୍ତି ଯେ, ସ୍ୱଦେଶୀ ପ୍ରଯୁକ୍ତି ଓ ନିର୍ମାଣ କ୍ଷମତାର ଏହି ଉଲ୍ଲେଖନୀୟ ସଫଳତା ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ସଶକ୍ତ କରିବ । 'ଆଇଏନଏସ ମହେନ୍ଦ୍ରଗିରି'ର ନୌସେନାରେ ସାମିଲ ହେବା ଅବସରରେ ସେ ଭାରତୀୟ ନୌସେନାକୁ ଶୁଭେଚ୍ଛା ଜଣାଇଛନ୍ତି ।

# ଗ୍ରୀଡ୍ ସବ୍ ଷ୍ଟେଶନ ଲୋକାର୍ପଣ କଲେ ଉପ ମୁଖ୍ୟମନ୍ତ୍ରୀ



ବରଗଡ଼ : ବରଗଡ଼ ପଂଚାୟତ କଲେଜ ନିକଟରେ ରବିବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ୩୩/୧୧ କେ.ଭି କ୍ଷମତା ସମ୍ପନ୍ନ ନୂତନ ଗ୍ରୀଡ୍ ସବଷ୍ଟେଶନ ଲୋକାର୍ପଣ କରିଛନ୍ତି । ଏହି ଗ୍ରୀଡ୍ ଡିଜିଟାଲ ଏବଂ କୌଣସି ସ୍ଥାନରେ କିଛି ତ୍ରୁଟି ପରିଲକ୍ଷିତ ହେଲେ, ତାହା ତୁରନ୍ତ ଜଣାପଡ଼ିବ ଏବଂ ସେହି ସମସ୍ୟାର ସମାଧାନ ଅତିଶୀଘ୍ର ହୋଇ ପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଥିଲେ । କାର୍ଯ୍ୟକ୍ରମରେ ବରଗଡ଼ ଲୋକ ସଭା ଏମ୍‌ପି ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ରବୀନ୍ଦ୍ରନାଥ ଶତପଥୀ ଏବଂ ଟିପିଡବ୍ଲୁଓଡିଏଲ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମରେ ଯୋଗଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକର ସାଉନ୍ତପୁରଠାରେ ଆୟୋଜିତ 'ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ' କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଯୋଗଦେଇଛନ୍ତି । ଏହି ଅବସରରେ ସେ ପୁଇଁତଲା ବ୍ଲକର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି ଯେ, ରାଷ୍ଟ୍ର ନିର୍ମାଣ ଏବଂ ଛାତ୍ର ସମାଜକୁ ସଠିକ୍ ଦିଗଦର୍ଶନ ଦେବାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଛାତ୍ରଛାତ୍ରୀଙ୍କ ବ୍ୟାବହାରିକ ଜ୍ଞାନର ବିକାଶ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ



ଜାତୀୟ ଶିକ୍ଷା ନୀତି ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତନ ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ସେହିପରି, ରାଜ୍ୟର ଗ୍ରାମାଂଚଳରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ ରହିଛନ୍ତି । ଏହି କ୍ରମରେ ସମସ୍ତ ଗ୍ରାମ ପଂଚାୟତରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ସ୍ଥାପନ କରିବା ଯୋଜନା ଗ୍ରାମୀଣ ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତନ ଆଣିବ ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ଏବିଭିପି ଓଡ଼ିଶା ପଶ୍ଚିମର ରାଜ୍ୟ ଉପସଭାପତି ଅଧ୍ୟାପକ ଶିବ ପ୍ରସାଦ ସା, ରାଜ୍ୟ ସହ ସମ୍ପାଦକ ଆକାଶ କମ୍ପ, ଶିକ୍ଷାବିତ ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ ।


# ବିଶ୍ୱର ସବୁଠୁ ଉନ୍ନତ ରକେଟ୍ ଇଞ୍ଜିନ୍ ନିର୍ମାଣ କରୁଛି ଭାରତ

ନୂଆଦିଲ୍ଲୀ : ବେଙ୍ଗାଲୁରୁର ମହାକାଶ ଷ୍ଟାର୍ଟଅପ୍ ଆଷ୍ଟ୍ରୋବେସ୍ ସ୍ପେସ୍ ଟେକ୍ନୋଲୋଜିସ୍ ଦେଶର ପ୍ରଥମ ଫୁଲ୍-ଫ୍ଲୋ ଷ୍ଟେଜ୍‌ଡ (ଏଫ୍‌ଏଫ୍‌ଏସ୍‌ସି) ରକେଟ୍ ଇଞ୍ଜିନ ନିର୍ମାଣ କରିଛି । କମ୍ପାନି ଆନ୍ଧ୍ରପ୍ରଦେଶରେ ଏହି ଇଞ୍ଜିନ୍ ?ର ପରୀକ୍ଷଣ କରୁଛି । ଏହା ବିଶ୍ୱର ଅନ୍ୟତମ ସବୁଠୁ ଉନ୍ନତ ରକେଟ୍ ଇଞ୍ଜିନ



ଟେକ୍ନୋଲୋଜି ବୋଲି କମ୍ପାନିର ଦାବି । ଏହି ଇଞ୍ଜିନ ସାହାଯ୍ୟରେ ଭବିଷ୍ୟତରେ ପୁନଃ ବ୍ୟବହାରଯୋଗ୍ୟ ରକେଟ୍ ନିର୍ମାଣ ହୋଇପାରିବ ଏବଂ ଅଧିକ ସାଟେଲାଇଟ୍ ମହାକାଶକୁ ପଠାଯାଇ ପାରିବ । ୨୦୨୮ ସୁଦ୍ଧା ଏହି ଇଞ୍ଜିନ ସହିତ ପ୍ରଥମ ରକେଟ୍ ଉତ୍କ୍ଷେପଣ କମ୍ପାନିର ଲକ୍ଷ୍ୟ । ଭାରତ ପାଖରେ ବର୍ତମାନ ପ୍ରାୟ ୫୫ କାର୍ଯ୍ୟକ୍ଷମ ସାଟେଲାଇଟ୍ ଅଛି । ଆମେରିକା ପାଖରେ ୧୩ ହଜାରରୁ ଅଧିକ ଏବଂ ଚୀନ୍ ପାଖରେ ପ୍ରାୟ ୧୫୦୦ ସାଟେଲାଇଟ୍ ଅଛି । ଏହି ସ୍ଥିତିରେ ଆଗାମୀ ଦିନରେ ଅଧିକ ସାଟେଲାଇଟ୍ ଉତ୍କ୍ଷେପଣ ନିମନ୍ତେ ଭାରତକୁ ନିଜର କ୍ଷମତା ବଢ଼ାଇବାକୁ ପଡ଼ିବ । ଏ କ୍ଷେତ୍ରରେ ଏହି ଇଞ୍ଜିନ ଏକ ବଡ଼ ପ୍ରୟାସ ବୋଲି କମ୍ପାନି କହିଛି । ଆନ୍ଧ୍ରପ୍ରଦେଶରେ ନିର୍ମିତ ଟେଷ୍ଟ ସେଂଟରରେ ଇଞ୍ଜିନର ଲଗାତାର ହଟ୍ ଫାୟାର ଟେଷ୍ଟିଂ ଚାଲିଛି । ଏଥିରେ ଇଞ୍ଜିନ ଭୀଷଣ ଉତାପ ଓ ଚାପରେ ଠିକ୍‌ରେ କାମ କରୁଛି କି ନାହିଁ ପରୀକ୍ଷା କରାଯାଉଛି । କମ୍ପାନି ଅନୁସାରେ, ଇଞ୍ଜିନର ଡିଜାଇନ୍‌ଠୁ ନେଇ ୩ଡି ପ୍ରିଂଟିଂ, ନିର୍ମାଣ ଓ ଯନ୍ତ୍ରାଂଶଗୁଡ଼ିକୁ ଯୋଡ଼ିବା ସବୁକିଛି ଭାରତରେ କରାଯାଇଛି । ଏହାର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହାର ଏଫ୍‌ଏଫ୍‌ଏସ୍‌ସି ଇଞ୍ଜିନ, ଯାହା ବିଶ୍ୱର ଅନ୍ୟତମ ସବୁଠୁ ଉନ୍ନତ ରକେଟ୍ ଇଞ୍ଜିନ ଟେକ୍ନୋଲୋଜି ରୂପେ ପରିଗଣିତ । ଏହା ପ୍ରାୟ ୮୦୦ କିଲୋନ୍ୟୁଟନ୍ ଶକ୍ତି ଉତ୍ପନ୍ନ କରିବ । ଏହାର କ୍ଷମତା ବଢ଼ିବା ଦ୍ୱାରା ରକେଟ୍ ଅଧିକ ଓଜନ ମହାକାଶକୁ ନେଇପାରିବ । ବିଶ୍ୱର ଖୁବ୍ କମ୍ ଦେଶ ଏହି ଟେକ୍ନୋଲୋଜି ଉପରେ କାମ କରୁଛନ୍ତି ।

# ଲିଓନେଲ ମେସିଙ୍କ ନୂଆ ରେକର୍ଡ଼



କାନ୍‌ସାସ୍ : ଚଳିତ ଫିଫା ବିଶ୍ୱକପ୍‌ରେ ଆର୍ଜେଂଟିନା ଅଧିନାୟକ ଲିଓନେଲ ମେସି ରବିବାର ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି । ସେ ୧୯୬୬ ପରେ ପ୍ରଥମ ଖେଳାଳି ବିଶ୍ୱକପ୍‌ରେ ୧୦ ଗୋଲ୍‌ରେ ସହଯୋଗ କରିଛନ୍ତି । ଏହା କରିବାରେ ସେ ନିଜ ଦେଶର ଡିଏଗୋ ମାରାଡୋନା (୮)ଙ୍କୁ ଟପିଛନ୍ତି । ସ୍ୱିଜରଲାଣ୍ଡ ବିପକ୍ଷ କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ସେ ଏହି ମାଇଲ୍‌ଖୁଂଟ ଛୁଇଁଥିଲେ । ଏହି ମ୍ୟାଚ୍‌ର ଦଶମ ମିନିଟ୍‌ର ତାଙ୍କ ଚମତ୍କାର କର୍ଣ୍ଣର ପାସ୍‌ରେ ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଗୋଲ୍ ଦେଇ ଆର୍ଜେଂଟିନାକୁ ପ୍ରାରମ୍ଭିକ ଅଗ୍ରଣୀ କରାଇଥିଲେ । ଏଥିସହ ଅତିରିକ୍ତ ସମୟରେ ଦଳ ଜିତି ଲଗାତାର ବିଶ୍ୱକପ୍ ଫାଇନାଲ୍‌ରେ ପହଂଚିଛି । ୩୯ ବର୍ଷୀୟ ମେସିଙ୍କ ଉଭୟ ଗୋଲ୍ କରିବା ଓ ସହାୟତା ଯୋଗୁଁ ଦଳ ଚତୁର୍ଥ ଏବଂ ଲଗାତାର ଟ୍ରଫି ଜିତିବାଠୁ ମାତ୍ର ୨ ବିଜୟ ଦୂରରେ ରହିଛି ।

# ଇତିହାସ ରଚିବା ଲକ୍ଷ୍ୟରେ ବିରାଟ

ନୂଆଦିଲ୍ଲୀ : ଟି-୨୦ ସିରିଜରେ କ୍ଲିନ ସୁଇପ ପରେ, ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରିଜ ଖେଳିବାକୁ ଯାଉଛି । ଏହି ସିରିଜ ୧୪ ଜୁଲାଇରେ ଆରମ୍ଭ ହେବ, ପ୍ରଥମ ମ୍ୟାଚ ବର୍ମିଂହାମର ଏଜବାଷ୍ଟନରେ ହେବ । ବିରାଟ କୋହଲି ଏବଂ ରୋହିତ ଶର୍ମା ଏହି ସିରିଜ ସମୟରେ ପୁନର୍ବାର କାର୍ଯ୍ୟରେ ଯୋଗଦେବେ । ବିରାଟ କୋହଲିଙ୍କ ପାଖରେ ଏକଦିବସୀୟ ସିରିଜ ସମୟରେ ଇତିହାସ ରଚିବାର ସୁଯୋଗ ଅଛି; ଏହି ମାଇଲଖୁଂଟ ହାସଲ କରିବା ଦ୍ୱାରା ସେ ସଚିନ ତେନ୍ଦୁଲକରଙ୍କ ସହ ଏକ ଏଲିଟ କ୍ଲବରେ ମଧ ଯୋଗଦେବେ । ବିରାଟ କୋହଲି ଅଗଷ୍ଟ ୮, ୨୦୦୮ରେ ଶ୍ରୀଲଙ୍କା ବିପକ୍ଷରେ ତାଙ୍କର ଏକଦିବସୀୟ ଡେବ୍ୟୁ କରିଥିଲେ । ଏପର୍ଯ୍ୟନ୍ତ, ସେ ୩୧୧ ମ୍ୟାଚରେ



୨୯୯ ଇନିଂସରେ ୧୪,୭୯୭ ରନ କରିଛନ୍ତି, ଯେଉଁଥିରେ ୭୭ ଅର୍ଦ୍ଧଶତକ ଏବଂ ୫୪ ଶତକ ଅନ୍ତର୍ଭୁକ୍ତ । ସେ ଏକଦିବସୀୟ କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ରନ ସ୍କୋରର । କୋହଲି ଏକଦିବସୀୟ ଫର୍ମାଟରେ ୧୫,୦୦୦ ରନ ସ୍କୋହ ପାଇବାରୁ ମାତ୍ର ୨୦୩ ରନ ଦୂରରେ ଅଛନ୍ତି, ଯାହା ସେ ଇଂଲଣ୍ଡ ବିପକ୍ଷ ତିନି ମ୍ୟାଚ ବିଶିଷ୍ଟ ସିରିଜ ସମୟରେ ଅତିକ୍ରମ କରିପାରିବେ । ବିରାଟ କୋହଲି ଶେଷ ଥର ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ODI ସିରିଜରେ ଖେଳିବାକୁ ଦେଖାଯାଇଥିଲେ । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଦ୍ୱିତୀୟ ଓ ଚଖ ଟ୍ରଫିରେ ନେତୃତ୍ୱ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କୋହଲି ହାମଷ୍ଟ୍ରିଙ୍ଗ ଆଘାତ ଯୋଗୁ ଜୁନ ୧୩ରୁ ଆରମ୍ଭ ହୋଇଥିବା ଆଫଗାନିସ୍ତାନ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଢଡଓ ସିରିଜରେ ଖେଳି ପାରି ନଥିଲେ । ଏବେ, ସେ ପୁଣି ଥରେ ଆକ୍ସନରେ ଦେଖିବାକୁ ପାଇବେ । ଶନିବାର ଭାରତୀୟ ଦଳ ଦିନିକିଆ ସିରିଜ ପାଇଁ ବର୍ମିଂହାମରେ ପହଂଚିଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**